ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.225 Bhubaneswar Thursday October 27 2022 | ୨୫ତମ ବର୍ଷ ସଂଖ୍ୟା-୨୨୫ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଆଳି ପ୍ୟାଲେସରେ ନୂଆ ବିଲ୍ଡିଂ ପାଇଁ ବାଲି ଚୋରି କରୁଛନ୍ତି ମନ୍ତ୍ରୀ ପ୍ରତାପ ଦେବ!





ଭୁବନେଶ୍ୱର,୨୬।୧୦(ପି.ଏନ): ମନ୍ତ୍ରୀ ଓ ଶାସକ ଦଳର ବିଧାୟକଙ୍କ ବିରୋଧରେ ବେଆଇନ ବାଲି ଚୋରା କାରବାରର ସାଂଘାତିକ ଅଭିଯୋଗ। ପାଣ୍ଡାପୁରୁ ମନ୍ତ୍ରୀ ପ୍ରତାପ ଦେବ ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନାଁରେ ଆସିଛି ଏଭଳି ଅଭିଯୋଗ। ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ନିଜ ଆଳି ପ୍ୟାଲେସରେ ନୂଆ ବିଲ୍ଡିଂ ନିର୍ମାଣ ଲାଗି ଖରସ୍ରୋତାରୁ ଚୋରାରେ ବାଲି ଉଠାଉଥିବା ଅଭିଯୋଗ ହୋଇଛି। ସେହିପରି ବେଆଇନ ବାଲିଘାଟ ବିବାଦକୁ ନେଇ ହତ୍ୟା ଘଟଣାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଖାସ୍ ଲୋକ ଗିରଫ ହେବା ପରେ ସେ ଚର୍ଚ୍ଚାକୁ ଆସିଛନ୍ତି।ମିଳିଥିବା ସୂଚନା ଅନୁସାରେ, ଚୋରା ବାଲିରେ ମହଲ ତୋଳୁଛନ୍ତି ଶିଳ୍ପମନ୍ତ୍ରୀ ପ୍ରତାପ ଦେବ। ଖରସ୍ରୋତାରୁ ବେଧଡ଼କ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଛି। ଚୋରାରେ ବାଲି ଉତ୍ତୋଳନର ପାଇଁ ଆପଣା ଯାଉଛି ନୂଆ ତରିକା। ମଝି ନଈରେ ବୋଟ୍ ଜରିଆରେ ଲଗାଯାଉଛି ସକ୍ସନ୍ ପମ୍ପ। ସେହି ପମ୍ପ ମାଧ୍ୟମରେ ନଦୀ ଭିତରୁ ସିଧା ବାଲି ଯାଇ ପହଞ୍ଚୁଛି ଆଳି ପ୍ୟାଲେସରେ। ଯିଏ ଯା ବିରୋଧରେ ସ୍ୱର ଉଠାଉଛି, ତାକୁ ଶିଳ୍ପମନ୍ତ୍ରୀ ଶ୍ରୀ ଦେବ ରାଜାଗିରି ଦେଖାଉଥିବା ଅଭିଯୋଗ ହୋଇଛି।ନିକଟରେ ବେଆଇନ ବାଲି ଚୋରା ଚାଲାଣ ନେଇ କେନ୍ଦ୍ରାପଡ଼ାର ଦୁଇ ସୂଚନା ଅଧିକାର କର୍ମୀ ଆଳୟ ସାମନ୍ତରାୟ ଓ ପ୍ରତାପ ମହାନ୍ତି ଇ-ମେଲ ଯୋଗେ ମୁଖ୍ୟ ସଚିବ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ସ୍ଥାନୀୟ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ସେମାନ କହିଛନ୍ତି, ଆଳି ପ୍ୟାଲେସ୍ ନିକଟରେ ଖରସ୍ରୋତା ନଦୀରୁ ଖାଲି ବେଆଇନ୍ ବାଲି ଖନନ ଚାଲିନି ବରଂ ୨୦୨୦ ପରଠୁ ନଦୀକୂଳ ବି ଜବରଦଖଲ ହୋଇଚାଲିଛି।ଖରସ୍ରୋତାର ଚୋରା ବାଲିରେ ନିର୍ମାଣ ହେଉଛି ଆଳି ପ୍ୟାଲେସର ନୂଆ ବିଲ୍ଡିଂ। ଖାଲି ସେତିକି ନୁହେଁ ଖରସ୍ରୋତା ନଦୀକୂଳରେ ଥିବା ପ୍ଲଟ୍ ନମ୍ବର ୩୮୫, ଯାହାକି ଆଳି ରାଜାଙ୍କ ପ୍ୟାଲେସର ଭିତରେ ଓ ନଦୀ କୂଳର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଇଟା ଭାଟି ଚାଲିଛି।କେବଳ ଲିଖିତ ଅଭିଯୋଗରେ ଏହି ମାମଲା ସୀମିତ ନାହିଁ। ପ୍ରମାଣ ସ୍ୱରୂପ ବିଭିନ୍ନ ସମୟର ସ୍ୟାଟେଲାଇଟ୍ ଦ୍ୱାରା ଉଠାଯାଇଥିବା ଫଟୋକୁ ମଧ୍ୟ ଦୁଇ ସୂଚନା ଅଧିକାର କର୍ମୀ ଦେଇଛନ୍ତି। ସ୍ୟାଟେଲାଇଟ୍ ଇମେଜରୁ ସ୍ପଷ୍ଟ ହେଉଛି ଯେ ଆଳି ରାଜବାଟି ଭିତରେ ଥିବା ପୋଖରୀ ନିକଟରେ ତିଆରି ଚାଲିଛି ଗୋଟିଏ ବିଲ୍ଡିଂ। ଖରସ୍ରୋତା ନଦୀରୁ ସକ୍ସନ୍ ପମ୍ପ ଜରିଆରେ ବାଲି ଉଠାଯାଇ ରାଜବାଟୀକୁ ଅଣାଯାଉଥିବା ଏଥିରେ ଦେଖିବାକୁ ମିଳୁଛି।ସେପ୍ଟେମ୍ବର ୨୨ରେ ଆରଟିଆଇ ଆକ୍ଟ ଅଧୀନରେ ମଗାଯାଇଥିବା ଏକ ତଥ୍ୟରେ ଆଳି ତହସିଲଦାର କହିଛନ୍ତି, ତହସିଲରେ ୬ଟି ବାଲି ଖାଦାନ ଅଛି। ସବୁ ବାଲି ଖାଦାନର ଅବଧି ୨୦୨୧ ଜୁଲାଇ ୧୮ରେ ସରିଥିଲା। ଅକ୍ଟୋବର ୪ରେ ଖାଦାନଗୁଡ଼ିକର ପୁନଃ ନିଲାମ କରାଯାଇଥିଲେ ମଧ୍ୟ ଏଯାଏ କୌଣସି ଖାଦାନରୁ ବାଲି ଉଠିନି।ତେବେ ତହସିଲଦାର କହିଛନ୍ତି ଯେ ବାଲି ଚୋରି ନେଇ ମିଛ ଅଭିଯୋଗ ଆସିଛି ବୋଲି କହୁନ୍ତୁ। ଏଥିରେ ସତ୍ୟତା ଥାଇପାରେ। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ତେବେ ଏ ସଂପର୍କରେ ମନ୍ତ୍ରୀ ପ୍ରତାପ ଦେବଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।ବାଲି ଚୋରା ଚାଲାଣରେ କେବଳ ମନ୍ତ୍ରୀ ନୁହନ୍ତି, ସାଲେପୁର ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ନାଁରେ ଆସିଛି ହତ୍ୟା ଭଳି ସଙ୍ଗୀନ ଅଭିଯୋଗ। ବିଧାୟକଙ୍କ ଇଙ୍ଗିତରେ ବେଆଇନ ବାଲିଘାଟ ଚାଲିଥିବା ଅଭିଯୋଗ କରିଛି ବିଜେପି। ହତ୍ୟା ମାମଲାରେ ଗିରଫ ହୋଇଥିବା ସୁଶାନ୍ତ ବେହେରା ଓରଫ ମିଟୁ ବିଧାୟକଙ୍କ ଖାସ୍ ଲୋକ ବୋଲି ଦଳ କହିଛି। କେବଳ ସେତିକି ନୁହେଁ, ଏଥିରେ ବହୁ ପ୍ରଭାବଶାଳୀ ନେତା ସାମିଲ ଥିବା ଅଭିଯୋଗ ହୋଇଛି। ଏନେଇ ବିଧାୟକ ପ୍ରଶାନ୍ତ ବେହରାଙ୍କ ପ୍ରତିକ୍ରିୟା ମିଳି ନ ଥିବା ବେଳେ ଚୌଦ୍ୱାର ଏସଡିପିଓ ସତ୍ୟବ୍ରତ ଲେଙ୍କା କହିଛନ୍ତି ଯେ ଘଟଣାର ତଦନ୍ତ ଚାଲିଛି।

## ଧାମନଗର ଉପନିର୍ବାଚନ : ନିୟୋଜିତ ହେବେ ୧୧୦୮ ପୋଲିଂ ଅଧିକାରୀ

ଭୁବନେଶ୍ୱର,୨୬।୧୦(ପି.ଏନ): ଧାମନଗର ଉପନିର୍ବାଚନ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। ଏହି ସମୟରେ ଭୋଟରଙ୍କୁ ପ୍ରଭାବିତ କରିବାକୁ ରାଜନୈତିକ ଦଳମାନେ ପ୍ରୟାସ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ଏହା ଉପରେ ପ୍ରତିକ୍ରିୟା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ କହିଛନ୍ତି ତଥ୍ୟ ସମ୍ବଳିତ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜନୈତିକ ଦଳମାନେ ପରସ୍ପର ବିରୋଧରେ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ କରୁଛନ୍ତି। ତୁରନ୍ତ ଜିଲ୍ଲାପାଳଙ୍କ ନିକଟକୁ ଏହାକୁ ପଠାଯାଇ ଭେରିଫିକେସନ କରାଯାଉଛି। ୪୮ ଘଂଟା ଭିତରେ ମଧ୍ୟରେ ଜିଲ୍ଲାପାଳଙ୍କ ନିକଟରୁ ରିପୋର୍ଟ ମଗାଯାଉଛି। ଅନ୍ୟପକ୍ଷରେ ଏସଏଚ୍‌ଜି ମହିଳା ଟଙ୍କା ବଂଟା ଭାଇରାଲ ଘଟଣାରେ ସମ୍ପୃକ୍ତ ମହିଳାଙ୍କୁ ଚିହ୍ନଟ କରାଯାଇ ଏଫଆଇଆର କରାଯାଇଛି। ଏହାବାଦ କୋଟିଏ ଟଙ୍କା ଅଫର ଦେବା ପ୍ରସଙ୍ଗରେ ବି ଏଫଆଇଆର କରାଯାଇଛି।ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଲୋହାନୀ କହିଛନ୍ତି, ଧାମନଗର ଉପନିର୍ବାଚନ ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି। ଆସନ୍ତା ନଭେମ୍ବର ୧ ତାରିଖ ସନ୍ଧ୍ୟାରେ ପ୍ରଚାର ସରିବ। ୩ ତାରିଖରେ ନିର୍ବାଚନ ହେବ। ୬ ତାରିଖରେ କାଉଂଟିଂ ହେବ ଓ ରେଜଲ୍ଟ ପ୍ରକାଶ ପାଇବ। ଧାମନଗରରେ ନିରପେକ୍ଷ ନିର୍ବାଚନ କରିବା ନିମନ୍ତେ ୧୧୦୮ ପୋଲିଂ ପର୍ସନ ନିୟୋଜିତ ହେବେ। ସେମାନେ ୨ ରାଉଣ୍ଡ ଟ୍ରେନିଂ ନେଇ ସାରିଛନ୍ତି। ଯେଉଁମାନଙ୍କୁ ପୋଲିଂ ପର୍ସନ ଭାବେ ନିୟୋଜିତ କରାଯାଇଛି, ସେମାନେ ଯେପରି ଉକ୍ତ ନିର୍ବାଚନ ମଣ୍ଡଳୀର ଭୋଟର ହୋଇ ନ ଥିବେ ବା ସେଠାରେ ସରକାରୀ ନିଯୁକ୍ତି ପାଇ ନ ଥିବେ ତାହା ଉପରେ କଡ଼ା ନଜର ରଖାଯାଇଛି। ଫଳରେ ନିରପେକ୍ଷ ଭୋଟ ଗ୍ରହଣ ହୋଇପାରିବ।ଚଳିତ ବର୍ଷ ଧାମନଗର ଉପନିର୍ବାଚନରେ ୫୦% ବୁଥ୍ ରେ ୱେବକାଷ୍ଟ ହେବ। ଧାମନଗର ଉପନିର୍ବାଚନକୁ ସୁରୁଖୁରୁରେ କରିବା ନିମନ୍ତେ ୨ ଜଣେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶାରେ ପହଂଚି ସାରିଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗ କ୍ୟାଡର ଆଇଏଏସ୍ ଅଫିସର ନିରଞ୍ଜନ କୁମାର(ଫୋନ୍ ନମ୍ବର- ୭୮୫୪୮୨୬୫୦୯) ଏବଂ ରେଭିନ୍ୟୁ ଅଫିସର ଭାବେ ପ୍ରଣେଶ ଗୁପ୍ତା (ଫୋନ୍ ନଂ - ୮୨୬୦୭୪୫୬୨୬)। ସେମାନେ ନିର୍ବାଚନ ପ୍ରକ୍ରିୟା ଉପରେ କଡ଼ା ନଜର ରଖିବା ସହ ଏହାକୁ ଅନୁଧ୍ୟାନ କରୁଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ନେଇ ଯାହାର କିଛି ଅଭିଯୋଗ ଥିବ ସେମାନେ ଏହି ୨ ଅଫିସରଙ୍କୁ ଯୋଗାଯୋଗ କରି ଅଭିଯୋଗ କରିପାରିବେ ବୋଲି କହିଛନ୍ତି ସୁଶୀଲ ଲୋହାନୀ। ଶାନ୍ତିଶୃଙ୍ଖଳାର ସହ ଧାମନଗରରେ ଉପନିର୍ବାଚନ କରିବାକୁ ୨ କମ୍ପାନୀ ସିଆରପିଏଫ୍, ୨ କମ୍ପାନୀ ବିଏସଏଫ ଓ ୧୦ ପ୍ଲାଟୁନ ରାଜ୍ୟ ପୁଲିସ୍ ମୁତୟନ ହେବେ। ଆସନ୍ତା ୧ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ କର୍ମଚାରୀମାନେ ନିଜ ନିଜ ବୁଥ୍ ଅଭିମୁଖେ ଯିବେ। ଧାମନଗରରେ ୧୦୬ ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଛି।୮୦ ବର୍ଷରୁ ବୟସ୍କ ଭୋଟର ଓ ଭିନ୍ନକ୍ଷମଙ୍କ ନିମନ୍ତେ ପୋଷ୍ଟାଲ ବାଲାଟର ବ୍ୟବସ୍ଥା ହୋଇଛି। ଧାମନଗରର ୫୦୫ ଜଣ ଭୋଟର ପୋଷ୍ଟାଲ ଭୋଟ ଦେବାକୁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୪୯୬ ଭୋଟରଙ୍କ ପୋଷ୍ଟାଲ ବାଲାଟ ସଂଗୃହୀତ ହୋଇ ଯାଇଛି। ନିର୍ବାଚନ ପୂର୍ବରୁ ଆଇନ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଥିବା ବେଳେ ୬୪୧ଟି ଲାଇସେନ୍ସ ବନ୍ଧୁକ ବିଭିନ୍ନ ଧାରାରେ ଡିପୋଜିଟ ହୋଇ ଯାଇଛି। ୧୯୦୯ ଲୋକଙ୍କୁ ବୁକ୍ କରାଯାଇଛି। ୧୭୨ଟି ଜାମିନବିହୀନ ଗିରଫ ପରୱାନା ଜାରି ହୋଇଛି। ୧୫ ଲକ୍ଷ ଟଙ୍କାର ଅବକାରୀ ସାମଗ୍ରୀ ଜବତ ହୋଇଛି।

## ବାବୁକୁ ତଡ଼ିପାର କଲା କମିଶନରେଟ୍ ପୋଲିସ୍

ଭୁବନେଶ୍ୱର,୨୬।୧୦(ପି.ଏନ): ଭୁବନେଶ୍ୱର କମିଶନରେଟ ପୋଲିସ୍ ସଂଗ୍ରାମ କେଶୀର ପ୍ରଧାନ ଓରଫ ବାବୁ ବିରୋଧରେ ସମାନ ପଦକ୍ଷେପ ନେଇଛି। ବାବୁ ଜଣେ ପେଶାଦାର ଅପରାଧୀ ହୋଇଥିବା ବେଳେ ଲୋକଙ୍କୁ ଧମକ ଚମକ ଦେଇ ବଟି ଆଦାୟ କାମରେ ଲିପ୍ତ ଥିଲା। ୩୯ ବର୍ଷୀୟ ବାବୁ ଭୁବନେଶ୍ୱରର ଲକ୍ଷ୍ମୀସାଗର ଅନ୍ତର୍ଗତ ଲେଙ୍କା ସାହିର ପ୍ଲଟ ନମ୍ବର ୧୩୯ରେ ରହୁଥିବା ବେଳେ ସେ ଜଣେ ଅଭ୍ୟାସଗତ ଓ ପେଶାଦାର ଅପରାଧୀ। ୨୦୧୨ରୁ ୨୦୨୨ ମଧ୍ୟରେ ତା' ନାଁରେ ଲକ୍ଷ୍ମୀସାଗର ଥାନାରେ ୧୧ଟି ଅପରାଧିକ ମାମଲା ରୁଜୁ କରାଯାଇଛି। ଏଥିପାଇଁ ଭୁବନେଶ୍ୱର କମିଶନରେଟ ପୋଲିସ୍ ସଂଗ୍ରାମକୁ ତଡ଼ିପାର ନିର୍ଦ୍ଦେଶ ଦେଇଛି। ଏହାପୁର୍ବରୁ ଗ୍ୟାଙ୍ଗଷ୍ଟର ସକିଲକୁ ତଡ଼ିପାର ନିର୍ଦ୍ଦେଶ ଦେଇଥିଲା କଟକ କମିଶନରେଟ ପୋଲିସ। ସେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସାମିଲ ଥିବାରୁ ତା' ପାଖକୁ ତଡ଼ିପାର ନୋଟିସ ପଠାଯାଇଛି।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ବହିଷ୍କାର ଦାବିରେ ୨୯ରେ ନବୀନ ନିବାସ ଘେରାଉ କରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୨୬।୧୦(ପି.ଏନ): ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କର ଯେଉଁ ସମ୍ପୃକ୍ତି ରହିଛି ତାହା ସାଧାରଣରେ ପ୍ରକଟିତ ହେବା ପରେ ଓଡ଼ିଶାର ଛାତ୍ରଛାତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀ ସମୀର ଦାସଙ୍କୁ ଆଉ ଗଣଶିକ୍ଷା ମନ୍ତ୍ରୀ ଭାବେ ଦେଖିବା ପାଇଁ ଚାହୁଁନାହାଁନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ୟାସିର ନୱାଜ କହିଛନ୍ତି। ଛାତ୍ର କଂଗ୍ରେସ ଗଣଶିକ୍ଷାମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବା ଓ ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବୀ କରୁଛି। ମାନ୍ୟବର ହାଇକୋର୍ଟଙ୍କ ତତ୍ୱାବଧାନରେ ଏହି ଘଟଣାର ଏସ୍.ଆଇ.ଟି ତଦନ୍ତ ପାଇଁ ଛାତ୍ର କଂଗ୍ରେସ ଦାବି କରିଛି। ଗଣଶିକ୍ଷା ମନ୍ତ୍ରୀଙ୍କୁ ବହିଷ୍କାର ଏବଂ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ଆସନ୍ତା ଶନିବାର ୨୯ ତାରିଖ ଦିନ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ କରାଯିବ ବୋଲି ସଭାପତି ଶ୍ରୀ ନୱାଜ ସୂଚନା ଦେଇଛନ୍ତି। ସେ କହିଛନ୍ତି ଜଣେ ଘୃଣିତ ବ୍ୟକ୍ତି ଓଡ଼ିଶାର ଅଗଣିତ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ କି ଦଗ୍‌ଦର୍ଶନ ଦେବେ କୌଣସି ସଭାସମିତିରେ ମଧ୍ୟ ତାଙ୍କର ଉପସ୍ଥିତି ଲଜ୍ଜାଜନକ। ସବୁଠାରୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସାଧୁ ରାଜନେତା ମାନଙ୍କୁ ସୁରକ୍ଷା ଦେବାରେ ସିଦ୍ଧହସ୍ତ। ତାଙ୍କର ୨୨ ବର୍ଷ ଶାସନ କାଳରେ ସେ ଶାସକ ଦଳର ବିଧାୟକ ଓ ମନ୍ତ୍ରୀମାନଙ୍କର କଳା କାରନାମାକୁ ଘୋଡ଼ାଇ ଚାଲିଛନ୍ତି। ଏହା ସ୍ପଷ୍ଟ ଯେ, ବିଜୁ ଜନତା ଦଳର ୮୦ ଭାଗ ବିଧାୟକ ଓ ମନ୍ତ୍ରୀମାନେ ଅପରାଧ ଏବଂ ଏହି ଅପରାଧ ମାନଙ୍କ ସମ୍ରାଟ ହେଉଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ନଳିନୀକାନ୍ତ ନାୟକ, ରଞ୍ଜିତ ସେନାପତି ଓ ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ପତ୍ତି ତାଲିକା ଦେଉନାହାନ୍ତି ସରକାରୀ କର୍ମଚାରୀ, ପୁଣି ବଢ଼ିଲା ଦାଖଲ ଅବଧି

ଭୁବନେଶ୍ୱର,୨୬।୧୦(ପି.ଏନ): କ୍ୟାବିନେଟ୍ ନିଷ୍ପତ୍ତି , ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ନିୟମାବଳୀରେ ଆବଶ୍ୟକ ସଂଶୋଧନ ସତ୍ତ୍ୱେ ରାଜ୍ୟର ସରକାରୀ କର୍ମଚାରୀମାନେ ନିଜର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରୁନାହାନ୍ତି। ୨୦୨୨ ମସିହା ଶେଷ ହେବାକୁ ଆଉ ମାତ୍ର ୨ମାସ ବାକି ରହିଥିଲେ ବି ୨୦୨୧ ଜାନୁଆରୀରୁ ଡିସେମ୍ବର ପର୍ଯ୍ୟନ୍ତ ଅବଧିର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବାକୁ ସରକାରୀ କର୍ମଚାରୀମାନେ ଏପର୍ଯ୍ୟନ୍ତ ଆନ୍ତରିକତା ଦେଖାଇନାହାନ୍ତି । ଯେଉଁଥିପାଇଁ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଆଜି ପୁଣିଥରେ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖି ବହୁ ସଂଖ୍ୟକ କର୍ମଚାରୀ ଏପର୍ଯ୍ୟନ୍ତ ସେମାନଙ୍କର ସମ୍ପତ୍ତି ବିବରଣୀ ଦାଖଲ କରିନଥିବା ଦର୍ଶାଇବା ସହ ସମ୍ପତ୍ତି ବିବରଣୀ ଦାଖଲ ତାରିଖ ଅବଧିକୁ ପୁଣିଥରେ ନଭେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପ୍ରତିବର୍ଷ ଜାନୁୟାରୀ ୩୧ତାରିଖ ସୁଦ୍ଧା ସମ୍ପତ୍ତି ବିବରଣୀ ଦାଖଲ କରିବାର ପ୍ରାବଧାନ ଥିବା ସତ୍ତ୍ୱେ କର୍ମଚାରୀମାନଙ୍କ ସୁବିଧା ନିମନ୍ତେ ସରକାର କ୍ରମାଗତ ଭାବେ ୩ଥରରେ ଏହି ଅବଧିକୁ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ସାଧାରଣ ପ୍ରଶାସନ ବିଭାଗର ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ପ୍ରଥମ ଶ୍ରେଣୀରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ନିଜର ବାର୍ଷିକ ସମ୍ପତ୍ତି ତାଲିକାକୁ ପ୍ରତିବର୍ଷ ଜାନୁୟାରୀ ୩୧ତାରିଖ ପୂର୍ବରୁ ଅନଲାଇନ ମାଧ୍ୟମରେ ଓଡ଼ିଶା ସରକାରଙ୍କ ଏଚ୍‌ଆରଏମଏସ୍ ପୋର୍ଟାଲରେ ଅପଲୋଡ୍ କରିବାର ନିୟମ ରହିଛି । ଏଥିପାଇଁ ରାଜ୍ୟ ସରକାର କ୍ୟାବିନେଟରେ ଓଡିଶା ସରକାରୀ କର୍ମଚାରୀ ଆଚରଣ (ସଂଶୋଧନ) ନିୟମାବଳୀ-୨୦୨୧କୁ ଅନୁମୋଦନ କରାଇବା ସହ ପ୍ରତ୍ୟେକ ରାଜ୍ୟ ସରକାରୀ କର୍ମଚାରୀଙ୍କ ନିମନ୍ତେ ବାର୍ଷିକ ସମ୍ପତ୍ତି ତାଲିକା ଦାଖଲକୁ ବାଧ୍ୟତାମୂଳକ କରିଥିଲେ ।

## ଶାରଳା ପୁରସ୍କାର ଗ୍ରହଣ କଲେ ଗୌରହରି ଦାସ




ଭୁବନେଶ୍ୱର,୨୬।୧୦(ପି.ଏନ): ବିଶିଷ୍ଟ କଥାକାର ଡ. ଗୌରହରି ଦାସଙ୍କୁ ମିଳିଛି ଚଳିତ ବର୍ଷର ସମ୍ମାନଜନକ ଶାରଳା ପୁରସ୍କାର। ପୁସ୍ତକ 'ବାଘ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ଗୌରହରି ଦାସଙ୍କୁ ରାଜ୍ୟର ଏହି ପ୍ରତିଷ୍ଠିତ ସାହିତ୍ୟ ସମ୍ମାନ ମିଳିଛି। ଡ. ଦାସଙ୍କୁ ପୁରସ୍କାର ସ୍ୱରୂପ ନଗଦ ୫ ଲକ୍ଷ ଟଙ୍କା ସହ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଛି। ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାହିତ୍ୟ କୃତି ଲାଗି ମର୍ଯ୍ୟାଦାଜନକ ଶାରଳା ପୁରସ୍କାର ପ୍ରଦାନ କରାଯାଏ। ଏହିକ୍ରମରେ ୪୩ତମ ଶାରଳା ପୁରସ୍କାର ଡ. ଗୌରହରି ଦାସ ପାଇଛନ୍ତି।୨୦୧୮ରେ ଟାଇମପାସ୍ ପବ୍ଲିକେସନ ଦ୍ୱାରା ଗଳ୍ପ ପୁସ୍ତକ 'ବାଘ ଓ ଅନ୍ୟାନ୍ୟ ଗଳ୍ପ' ପ୍ରକାଶିତ ହୋଇଥିଲା। ଇମ୍ପାକ୍ଟ ପକ୍ଷରୁ ଆୟୋଜିତ ଶାରଳା ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ହିନ୍ଦୀ ଲେଖକ ଉଦୟନ ବାଜପେୟୀ ଯୋଗ ଦେଇଥିବା ବେଳେ ସାହିତ୍ୟ ଆମକୁ ସତ୍ୟ ସହ ସାକ୍ଷାତ କରାଏ ବୋଲି ମତ ରଖିଛନ୍ତି।ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ୨୦୨୨ ଶାରଳା ପୁରସ୍କାର ବିଜେତା ଡ. ଦାସଙ୍କୁ ଏକ ସାରସ୍ୱତ ସମାବେଶରେ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି କଳା କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ଲାଗି ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଚିତ୍ରକର ପ୍ରଫୁଲ୍ଲ ମହାନ୍ତି ଓ ପ୍ରସିଦ୍ଧ ଓଡ଼ିଶୀ ସଙ୍ଗୀତ ସାଧକ ଗୁରୁ ଶ୍ରୀ ଘନଶ୍ୟାମ ପଣ୍ଡାଙ୍କୁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ମିଳିଛି। ପୁରସ୍କାର ବାବଦରେ ଉଭୟଙ୍କୁ ଦେଢ଼ ଲକ୍ଷ ଲେଖାଏ ଟଙ୍କା, ମାନପତ୍ର ଓ ଫଳକ ପ୍ରଦାନ କରାଯାଇଛି।ବିଶିଷ୍ଟ ଶିଳ୍ପପତି ବୈଜ୍ଞାନିକ ଡ. ବଂଶୀଧର ପଣ୍ଡା ଓ ତାଙ୍କର ସହଧର୍ମିଣୀ କଳାବିଦୁଷୀ ଇଲା ପଣ୍ଡାଙ୍କର କଳାତ୍ମିକ ଚେତନାର ଫଳଶ୍ରୁତି ହେଉଛି ଶାରଳା ପୁରସ୍କାର ଉତ୍ସବ। ୧୯୮୦ ମସିହାରୁ ଶାରଳା ପୁରସ୍କାର ପ୍ରଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ଏହି ଗୌରବମୟ ପରମ୍ପରାରେ ସାମିଲ ହୋଇଥିବା ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଛନ୍ତି।

## ୨୮ ସକାଳ ୮ରୁ ଦିନ ୧ଟା ଯାଏଁ ସର୍ବସାଧାରଣଙ୍କ ପାଇଁ ବନ୍ଦ ରହିବ ଧଉଳି

ଭୁବନେଶ୍ୱର, ୨୬।୧୦(ପି.ଏନ): ଚଳିତ ଅକ୍ଟୋବର ମାସ ୨୮ତାରିଖରେ ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ସମାରୋହ ତଥା ପୂଜା ମହୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଦେଶ ବିଦେଶରୁ ବହୁ ବୌଦ୍ଧ ଭିକ୍ଷୁ, ସାଧୁ ସନ୍ଥ ଏବଂ ଅନ୍ୟ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇ ଶାନ୍ତିସ୍ତୂପର ମୁଖ୍ୟ ଦର୍ଶନ ପୀଠ ସମ୍ମୁଖ ମଣ୍ଡପ ଠାରେ ଆୟୋଜିତ ପୂଜା ଉତ୍ସବରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିର ରଖିଆଗାମୀ ୨୮ ତାରିଖ ସକାଳ ୮ ଘଂଟା ସମୟରୁ ଦିନ ୧ଟା ପର୍ଯ୍ୟନ୍ତ ଧଉଳି ଶାନ୍ତିସ୍ତୂପପର୍ଯ୍ୟଟକ ତଥା ସର୍ବସାଧାରଣଙ୍କ ନିମନ୍ତେ ପରିଦର୍ଶନ ବନ୍ଦ ରହିବ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପୋଲିସ୍ ପ୍ରଶାସନ ତରଫରୁ ଆବଶ୍ୟକ ଟ୍ରାଫିକ୍ କଟକଣା ଜାରି ରହିବ ।

## ଧର୍ମେନ୍ଦ୍ର ଆତ୍ମହତ୍ୟା ଓ ଅର୍ଚ୍ଚନା କେଳେଙ୍କାରୀ: ସବୁ ସବଡିଭିଜନ ଅଫିସ୍ ଘେରିବ ବିଜେପି




ଭୁବନେଶ୍ୱର,୨୬।୧୦(ପି.ଏନ): ବିଜେଡି ଜିଲ୍ଲାପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଓ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ସେକ୍ସ ସ୍କାଣ୍ଡାଲରେ ସମ୍ପୃକ୍ତ ବିଜେଡି ନେତାମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ବିଜେପି ରାଜ୍ୟର ସମସ୍ତ ୫୮ଟି ସବଡିଭିଜନ କାର୍ଯ୍ୟାଳୟକୁ ଘେରିବାକୁ ଚେତାବନୀ ଦେଇଛି । ଏହି ଦୁଇଟି ମାମଲାରେ ଶାସକ ଦଳର ମନ୍ତ୍ରୀ ଓ ନେତାମାନଙ୍କର ସମ୍ପୃକ୍ତି ଥିବାର ପୁଳା ପୁଳା ପ୍ରମାଣ ସତ୍ତ୍ୱେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାନଯିବା ଦୁର୍ଭାଗ୍ୟଜନକ । ଯଦି ଏହାର ସଠିକ୍ ଓ ନିରପେକ୍ଷ ତଦନ୍ତ ନହୁଏ ତା'ହେଲେ ଆଗାମୀ ସପ୍ତାହକ ମଧ୍ୟରେ ରାଜ୍ୟର ସବୁ ସବଡିଭିଜନ ଅଫିସ ଆଗରେ ବିଜେପି ପ୍ରତିବାଦ ଓ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦଳର ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ପ୍ରଭାତୀ ପରିଡା, ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ସଜ୍ଜନ ଶର୍ମା, ସୁଦର୍ଶନ ନାୟକ, ଦିଲୀପ ମଲ୍ଲିକ ପ୍ରମୁଖ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି ।ବିଜେପି ଅଭିଯୋଗ କରିଛି ଯେ, ବିଜେଡି ଦୀର୍ଘ ୨୨ବର୍ଷ ଶାସନରେ ରହି ଓଡିଶାକୁ ଭ୍ରଷ୍ଟାଚାର, ଦୁର୍ନୀତି, ଯୌନ କେଳେଙ୍କାରୀ, ଅପରାଧ, ମହିଳାଙ୍କୁ ଦୁଷ୍କର୍ମ, ଯୁବକଙ୍କ ବେରୋଜଗାରୀ ଓ ସମାଜକୁ ନଷ୍ଟ କରିବା ଭଳି ବିଭିନ୍ନ କାର୍ଯ୍ୟ ଭେଟି ଦେଇଛି । ନିମାପଡା ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣା, ଭୁବନେଶ୍ୱରର ଅର୍ଚ୍ଚନା ନାଗ କେଳେଙ୍କାରୀ ସମେତ ରାଜ୍ୟରେ ଘଟିଥିବା ଯୌନ କେଳେଙ୍କାରୀ, ଦୁର୍ନୀତି, ଟେଣ୍ଡର ଫିକ୍ସିଂ, ମନି ଲଣ୍ଡ୍ରିଂରେ ଶାସକ ଦଳର ମାଲ ମାଲ ମନ୍ତ୍ରୀ, ବିଧାୟକ ଓ ନେତା ସଂଶ୍ଲିଷ୍ଟ । ଓଡିଶାବାସୀ ଟିକସ ଦେଉଥିବା କୋଟି କୋଟି ଟଙ୍କା ବିଜେଡି ନେତାମାନଙ୍କ ବିଳାସବ୍ୟସନରେ ଲାଗୁଛି ।ଲେଖାଶ୍ରୀ କହିଛନ୍ତି, ଜିଲ୍ଲା ପରିଷଦ ସଭ୍ୟ ସ୍ୱର୍ଗତ ସାହୁଙ୍କ ପତ୍ନୀଙ୍କୁ ଡ୍ରଗ୍ସ ଦେଇ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ତାଙ୍କ ସହ ଅନୈତିକ ସମ୍ପର୍କ ରଖିବା, ସ୍ୱର୍ଗତଃ ସାହୁ ଓ ଗଣଶିକ୍ଷାମନ୍ତ୍ରୀ ଶ୍ରୀ ଦାଶଙ୍କ ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କା କାରବାର ଓ ବିନ୍ଦାସ ଚିନ୍ନୁ ସେହି ଭିଡିଓ ଦେଖାଇ ସ୍ୱର୍ଗତଃ ସାହୁଙ୍କୁ ବ୍ଲାକମେଲିଂ କରି ପ୍ରତିମାସ ହଜାର ହଜାର ଟଙ୍କା ନେଉଥିବା ଅନଲାଇନ ଟ୍ରାଜେକ୍ସନ୍ ଓ ଅଡିଓ ଭାଇରାଲ ହେଉଛି । ସ୍ୱର୍ଗତଃ ସାହୁଙ୍କ ଆତ୍ମହତ୍ୟାର ଯଥେଷ୍ଟ ପ୍ରମାଣ ଥାଇବି ଏଯାଏଁ ଓଡିଶା ପୁଲିସ ତଦନ୍ତ ନକରି ମନ୍ତ୍ରୀ ଶ୍ରୀ ଦାଶଙ୍କୁ ଘଂଟ ଘୋଡାଉଛି । ରାଜ୍ୟ ସରକାର ମା'କୁ ସମ୍ମାନ ଓ ସାଢ଼େ ଚାରି କୋଟି ଓଡିଆ ମୋ ପରିବାର କଥା କହୁଛନ୍ତି । କିନ୍ତୁ ସେହି ପରିବାର ଭିତରେ ବା ବିଜେଡିରେ ଥାଇ ବି ମଧ୍ୟ ସ୍ୱର୍ଗତଃ ସାହୁଙ୍କ ଆତ୍ମହତ୍ୟାର ତଦନ୍ତ ଏଯାଏଁ କାହିଁକି ହୋଇନାହିଁ ରାଜ୍ୟ ସରକାର ଏହା ସ୍ପଷ୍ଟ କରନ୍ତୁ ବୋଲି ଡ. ଲେଖାଶ୍ରୀ କହିଛନ୍ତି । ସେହିପରି ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତା ଏସିପି, ଡିସିପି ଓ ପୋଲିସ କମିଶନରଙ୍କୁ ବାରମ୍ବାର ଭେଟି ଅଭିଯୋଗ ଦେବା ସତ୍ତ୍ୱେ କାହିଁକି କେସ୍ ?ର ତଦନ୍ତ ଆଗଉ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ତଥା ଓଡିଶା ପୁଲିସ ଡିଜି ଏହାର ଉତ୍ତର ରଖନ୍ତୁ ବୋଲି ବିଜେପି ଦାବି କରିଛି ।ସେହିପରି ଲେଡି ବ୍ଲାକମେଲର ଅର୍ଚ୍ଚନାଙ୍କ ବାସଭବନରେ ବିଜେଡିର ୧୨ରୁ ଉର୍ଦ୍ଧ୍ୱ ମନ୍ତ୍ରୀ, ୩୦ରୁ ଅଧିକ ବିଧାୟକ ଯା'ଆସ କରିବା ସହ ସେଠାରେ କୋଟି କୋଟି ଟଙ୍କାର ଦେଣନେଣ କରାଯାଉଥିଲା । ଏପରିକି ସେଠାରେ ସରକାରୀ କର୍ମଚାରୀଙ୍କ ଟ୍ରାନ୍ସଫର୍ ?, ପୋଷ୍ଟିଂ ଓ ଟେଣ୍ଡର ଫିକ୍ସିଂ ଭଳି ନିଷ୍ପତ୍ତି ନିଆଯାଉଥିଲା । ଭାରତ-ଦକ୍ଷିଣ ଆଫ୍ରିକା ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ପାଇଁ ଜଣକୁ ଗୋଟିଏ ବି ପାସ୍ ବା ଟିକେଟ୍ ମିଳୁନଥିବାବେଳେ ଅର୍ଚ୍ଚନା ନାଗଙ୍କୁ ୨୦୦ ପାସ୍ ମିଳିଥିଲା । ଏପରିକି ମ୍ୟାଚ୍ ଦିନ ଅର୍ଚ୍ଚନା ନାଗଙ୍କୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଷ୍ଟାଡିୟମ ପର୍ଯ୍ୟନ୍ତ ଏସକର୍ଟ କରି ନେଇଥିଲେ ବି ପୁଲିସ କାହିଁକି ଏହାର ତଦନ୍ତ କରୁନାହିଁ ବୋଲି ଲେଖାଶ୍ରୀ ଦାବି କରିଛନ୍ତି । ରାଜ୍ୟ ସରକାର ଓ ଓଡିଶା ପୁଲିସ ଅର୍ଚ୍ଚନା ନାଗଙ୍କ କଳା ସାମ୍ରାଜ୍ୟ ପଛରେ କେଉଁ ନେତା, ମନ୍ତ୍ରୀଙ୍କ ହାତ ରହିଛି, ତାହା ସ୍ପଷ୍ଟ କରନ୍ତୁ । ଯଦି ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଓ ଅର୍ଚ୍ଚନା ନାଗ ସେକ୍ସ ସ୍କାଣ୍ଡାଲ ମାମଲାରେ ରାଜ୍ୟ ସରକାର ନିରପେକ୍ଷ ତଦନ୍ତ ନକରନ୍ତି ତାହାଲେ ଆଗାମୀ ୭ଦିନ ଭିତରେ ବିଜେପି ରାଜ୍ୟର ସମସ୍ତ ୫୮ଟି ସବଡିଭିଜନରେ ଆନ୍ଦୋଳନ ଓ ପ୍ରତିବାଦ କରିବ ବୋଲି ଲେଖାଶ୍ରୀ ଚେତାବନୀ ଦେଇଛନ୍ତି ।

## ନକଲି ଔଷଧ ବିକ୍ରି, ଆଉ ୨ ଷ୍ଟକିଷ୍ଟ ଗିରଫ

କଟକ,୨୬।୧୦(ପି.ଏନ): କଟକରେ ନକଲି ଟେଲ୍‌ମା-୪୦ ଔଷଧ କାରବାର ମାମଲାରେ ଜୋରଦାର ଖୋଳତାଡ଼ ଜାରି ରଖିଛି କମିଶନରେଟ୍ ପୁଲିସ। ଏହି ମାମଲାରେ ପୂର୍ବରୁ ୨ ଜଣ ଡିଷ୍ଟ୍ରିବ୍ୟୁଟରଙ୍କୁ ପୁଲିସ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଔଷଧ କିଣୁଥିବା ଆଉ ୨ ଜଣ ଷ୍ଟକିଷ୍ଟଙ୍କୁ ଆଜି ଗିରଫ କରାଯାଇଛି। ସେମାନେ ହେଲେ ନୟାସଡ଼କ ଓ ନିମଚଉଡି ଅଞ୍ଚଳର ସିବି କୁମାର କୟାଲ ଏବଂ ମହେନ୍ଦ୍ର କୁମାର ମୋଦି। ଏନେଇ ଆଜି ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି କଟକ ଡିସିପି ପିନାକ ମିଶ୍ର।ଏମାନେ ପୂର୍ବରୁ ଗିରଫ ହୋଇଥିବା ଦୁଇଟି ଡିଷ୍ଟ୍ରିବ୍ୟୁଟର ଭିଆର ଏଜେନ୍ସି ଏବଂ ପୂଜା ଏଣ୍ଟରପ୍ରାଇଜର୍ସ ଠାରୁ ନକଲି ଔଷଧ କିଣି ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଉଥିଲେ। ଏହି ଗିରଫ ୨ ଅଭିଯୁକ୍ତଙ୍କ ଠାରୁ ୮ ହଜାର ଷ୍ଟ୍ରିପ ନକଲି ଟେଲ୍‌ମା-୪୦ ଔଷଧ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ। ଏହି ଦୁଇ ଜଣ କେବେ ଠାରୁ ନକଲି ଔଷଧ କାରବାର କରୁଥିଲେ ଆଉ କାହାକୁ କାହାକୁ ଔଷଧ ବିକ୍ରି କରିଛନ୍ତି ସେ ଦିଗରେ ତଦନ୍ତ କରାଯାଉଥିବା ବେଳେ ଦୁଇ ଷ୍ଟକିଷ୍ଟଙ୍କ ଆର୍ଥିକ କାରବାର ବାବଦରେ ମଧ୍ୟ ପୁଲିସ ତଦନ୍ତ କରିବ ବୋଲି ସୂଚନା ଦେଇଛନ୍ତି କଟକ ଡିସିପି।ଏହି ମାମଲାରେ ଏଯାବତ ୫୦ ଲକ୍ଷ ଟଙ୍କାର ନକଲି ଔଷଧ ଜବତ ହେବା ସହିତ ୬ ଜଣ ଗିରଫ ହୋଇସାରିଛନ୍ତି। ତେବେ ଏହି ନକଲି ଔଷଧ କେଉଁଠି ତିଆରି ହେଉଥିଲା, ତାର ଟେର୍ ପାଉନି ପୁଲିସ। ଯାହାକୁ ଉଦ୍‌ବେଗ ପ୍ରକାଶ ପାଇଛି।ରାଜ୍ୟରେ ନକଲି ଔଷଧ କାରବାର ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ଷ୍ଟକିଷ୍ଟ, ଡିଷ୍ଟ୍ରିବ୍ୟୁଟରଙ୍କ ସହ ବଡ ରାକେଟଙ୍କ ସମ୍ପୃକ୍ତି ରହିଥିବା ଅନୁମାନ କରାଯାଉଛି।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।




# ଖଡଗେଙ୍କ ହାତରେ କଂଗ୍ରେସ



ଅଶୀ ବର୍ଷ ବୟସ୍କ ବର୍ଷିଆନ ଅନୁଭବୀ ନେତା ମଲିକାର୍ଜୁନ ଖଡଗେ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଅନ୍ୟତମ ବରିଷ୍ଠ ନେତା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶଶୀ ଥରୁରଙ୍କୁ ପରାସ୍ତ କରି କଂଗ୍ରେସର ୧୬ତମ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଖଡଗେଙ୍କ ବିଜୟ ଅପ୍ରତ୍ୟାଶିତ ନଥିଲା। ସଭାପତି ପଦ ପାଇଁ ନିର୍ବାଚନରୁ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓହରିଯିବା ପରେ ଖଡଗେ ପ୍ରାର୍ଥୀ ହେବା ପାଇଁ ଘୋଷଣା କରିବା ପରେ ସେହିଦିନଠାରୁ ତାଙ୍କର ବିଜୟ ସ୍ପଷ୍ଟ ହୋଇଥିଲା। କାରଣ ଥରୁର କଂଗ୍ରେସର ଅସନ୍ତୁଷ୍ଟ ଗୋଷ୍ଠୀର ନେତା ଭାବେ ପରିଚିତ ଥିଲେ। କଂଗ୍ରେସ ଭିତରେ ଅସନ୍ତୁଷ୍ଟ ଗୋଷ୍ଠୀ ଭାବେ ପରିଚିତ ଜି-୨୩ରେ ସେ ଜଣେ ନେତା। ବୋଧହୁଏ ଏଇଥିପାଇଁ ଖଡଗେଙ୍କ ପ୍ରତି ବିଭିନ୍ନ ରାଜ୍ୟରେ ସମର୍ଥନ ବୃଦ୍ଧି ପାଇଥିଲା। ସେ ୭୮୯୭ଟି ଭୋଟ ପାଇଥିବାବେଳେ ଥରୁର ମାତ୍ର ୧୦୭୨ଟି ଭୋଟ ପାଇଥିଲେ। ଦୀର୍ଘ ୨୪ବର୍ଷ ପରେ କଂଗ୍ରେସ ପ୍ରଥମ ଥର ପାଇଁ ଜଣେ



ଅଣ-ଗାନ୍ଧୀଙ୍କୁ ଦଳର ମଙ୍ଗୁଆଳ ଭାବେ ପାଇଛି। ଶେଷଥର ପାଇଁ ୧୯୯୬ ମସିହାରେ ସୀତାରାମ କେଶରୀ ଏକ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ଦଳର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ମାତ୍ର ତାଙ୍କର ବେପରୁଆ ମନୋଭାବ ଯୋଗୁଁ ତାଙ୍କୁ ୧୯୯୮ରେ ବିଦାୟ ନେବାକୁ ପଡ଼ିଥିଲା ଏବଂ ଶ୍ରୀମତୀ ସୋନିଆ ଗାନ୍ଧୀ ଦଳର ଅଧ୍ୟକ୍ଷ ହୋଇଥିଲେ। ସେହିଦିନଠାରୁ କଂଗ୍ରେସର ନେତୃତ୍ୱ ଗାନ୍ଧୀ-ନେହେରୁ ପରିବାର ହାତରେ ରହିଥିଲା ଏବଂ ଗାନ୍ଧୀ ପରିବାର ପ୍ରତି କଂଗ୍ରେସର ନେତା, କର୍ମୀ, ମୁଖ୍ୟମନ୍ତ୍ରୀ ସମସ୍ତେ ଆନୁଗତ୍ୟ ଥିବାନେଇ ବୋଧହୁଏ କେହି ଦ୍ୱିମତ ହେବେନାହିଁ। କହିବା ବାହୁଲ୍ୟ ଯେ, କଂଗ୍ରେସ ଦଳରେ ଗାନ୍ଧୀ ପରିବାରର ଅଜ୍ଞାତରେ ପତ୍ରଟିଏ ବି ହଲେନାହିଁ। ଖଡଗେ କେତେଦୂର ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିବେ ଏବଂ କଂଗ୍ରେସର ନେତା, କର୍ମୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ସାଂସଦ ତାଙ୍କୁ ଦଳର ମୁଖ୍ୟ ଭାବେ ସମ୍ମାନ ଦେବେ, ତାହା ଭବିଷ୍ୟତ କହିବ। ଅବଶ୍ୟ ଖଡଗେ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ସାକ୍ଷାତ କରିବା ପାଇଁ ଶ୍ରୀମତୀ ସୋନିଆ ଗାନ୍ଧୀଙ୍କୁ ସମୟ ମାଗିଥିଲେ। ମାତ୍ର ଶ୍ରୀମତୀ ଗାନ୍ଧୀ ତାଙ୍କୁ ସମୟ ଦେବା ବଦଳରେ ତାଙ୍କ ବାସଭବନରେ ତାଙ୍କୁ ଭେଟି ଅଭିବାଦନ ଜଣାଇଥିଲେ। ଶ୍ରୀମତୀ ଗାନ୍ଧୀଙ୍କ ସହ କନ୍ୟା ପ୍ରିୟଙ୍କା ଖଡଗେଙ୍କୁ ଭେଟିଥିଲେ। ସେହିପରି ସଂପ୍ରତି 'ଭାରତ ଯୋଡୋ ଯାତ୍ରା'ରେ ଥିବା ରାହୁଲ ଗାନ୍ଧୀ କହିଛନ୍ତି ଯେ, ଏଣିକି ଦଳର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିବି। ସେ ଯାହା ନିର୍ଦ୍ଦେଶ ଦେବେ, ସେହି ଅନୁସାରେ କାର୍ଯ୍ୟ କରିବି। ସେ ଯାହା ନିର୍ଦ୍ଦେଶ ଦେବେ, ସେହି ଅନୁସାରେ କାର୍ଯ୍ୟକରିବେ, ଅବଶ୍ୟ କଂଗ୍ରେସର ସର୍ବମୟ କର୍ତ୍ତା ଭାବେ ପରିଚିତ ଗାନ୍ଧୀ ପରିବାର ତାଙ୍କୁ ତାଙ୍କ କାର୍ଯ୍ୟରେ ହସ୍ତକ୍ଷେପ ନକଲେ, ସେ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହେବେ, ଏଥିରେ ସନ୍ଦେହ ନାହିଁ। ସଂପ୍ରତି ଡୁବି ଯାଉଥିବା ନୌକା ସଦୃଶ କଂଗ୍ରେସର ଅବସ୍ଥା ହୋଇଥିବାବେଳେ ଏହାକୁ କୂଳକୁ ଆଣିବା ଖଡଗେଙ୍କ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ହେବ। ଜନସାଧାରଣଙ୍କୁ ଯୋଡି ଦଳକୁ ପୁନର୍ଗଠିତ ଓ ପୁନର୍ଜୀବିତ କରିବା ଏବଂ ପୁନଃ ନିର୍ବାଚନ ଜିତିବା ସ୍ଥିତିକୁ ଦଳକୁ ଆଣିବା ତାଙ୍କ ପାଇଁ ବଡ ଆହ୍ୱାନ ହେବ। ଏହା ନିଶ୍ଚିତ ଯେ, ଦଳ କେବଳ ନେତା ପରିବର୍ତ୍ତନ କରିଦେଲେ, ପୁନର୍ଜୀବନ ଲାଭ କରିବା ଆଶା ବୃଥା। ଏଥିପାଇଁ ସାମଗ୍ରୀକ ଉଦ୍ୟମ ଓ ପୁନଃନିର୍ମାଣ ଆବଶ୍ୟକ। ଖଡଗେଙ୍କ ପାଇଁ ଏହା ଯେ ଅତି କଠିନ ଓ କଷ୍ଟକର କାର୍ଯ୍ୟ, ଏହା ସେ ନିଜେ ଜାଣନ୍ତି। ଏବେ ହିମାଚଳ ଓ ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିରେ ଦଳ ଯେ ତାଙ୍କ ନେତୃତ୍ୱରେ ସଫଳ ହେବ, ତାହା କୁହାଯାଇପାରିବ ନାହିଁ। ଖଡଗେଙ୍କ ନେତୃତ୍ୱ ହୁଏତ ଦଳର ନେତା ଓ କର୍ମୀମାନଙ୍କ ପାଇଁ ଉତ୍ସାହ, ପ୍ରେରଣାଦାୟକ ହୋଇପାରେ। କିନ୍ତୁ ନିର୍ବାଚନରେ ଭୋଟଦାତାଙ୍କ ଉପରେ ତାଙ୍କର ନେତୃତ୍ୱର ପ୍ରଭାବ କେତେଦୂର ପଡିବ, ତାହା ନିର୍ବାଚନ ପରେ ଜଣାପଡ଼ିବ। ଆହୁରି ମଧ୍ୟ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦୁଇଟି କଂଗ୍ରେସ ଶାସିତ ରାଜ୍ୟ ଛତିଶଗଡ ଓ ରାଜସ୍ଥାନ ସହ ୫ଟି ବଡ ବଡ ରାଜ୍ୟର କର୍ଣ୍ଣାଟକ, ମଧ୍ୟପ୍ରଦେଶ ଓ ତେଲେଙ୍ଗାନା ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିରୁ କର୍ଣ୍ଣାଟକ ଓ ମଧ୍ୟପ୍ରଦେଶରେ କଂଗ୍ରେସର ସ୍ଥିତି ଅପେକ୍ଷାକୃତ ଭଲ ଥିବାବେଳେ ତାଙ୍କର ନେତୃତ୍ୱ ପାଇଁ ଏକ ବଡ ଚ୍ୟାଲେଞ୍ଜ, ଏଥିରେ ସନ୍ଦେହ ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, ଖଡଗେ ନିର୍ବାଚିତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ଏଣିକି କଂଗ୍ରେସ ଏକ ପାରିବାରିକ ଦଳରୁ ମୁକ୍ତି ପାଇବ। କିନ୍ତୁ ଗାନ୍ଧୀ-ନେହେରୁ ପରିବାରର ହସ୍ତକ୍ଷେପଠାରୁ ମୁକ୍ତ ହେବା ଜରୁରୀ। ନିଜର ଦୀର୍ଘ ୫୦ ବର୍ଷର ରାଜନୈତିକ ଜୀବନର ଅଭିଜ୍ଞତାକୁ ପାଥେୟ କରି ଖଡଗେ କଂଗ୍ରେସର ହୃତ୍‌ଗୌରବ ଫେରାଇ ଆଣିବେ ବୋଲି ଦଳର କର୍ମୀ ଆଶାବାଦୀ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯**

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ଯୋଡା (ପିଏନ୍): ଯୋଡା ପୌରାଞ୍ଚଳ ଅନ୍ତର୍ଗତ ପଶ୍ଚିମ ଯୋଡା ଆଂଚଳିକ ସାଧନ କେନ୍ଦ୍ର ତରଫରୁ ବନେଇକଳା ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଯାତିକେଶରୀ ବେହେରା ଓ ସିଆରସିସି ଧ୍ରୁବଚରଣ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କ୍ଲଷ୍ଟର ଅଧିନସ୍ଥ ୧୪ଟି ବିଦ୍ୟାଳୟରୁ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ମୋଟ କରାଯାଇଥିବା ୧୦ଟି ପ୍ରତିଯୋଗିତା ଯଥା: ନୃତ୍ୟ, ଗୀତ, ବକ୍ତୃତା ସୃଜନଶୀଳ, ଲିଖନ, ସାଧାରଣଜ୍ଞାନ, ମଧ୍ୟାହ୍ନଭୋଜନ ଆଧାରିତ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଜୁନିଅର ଓ ସିନିଅର ଦୁଇଟି ଗ୍ରୁପ୍‌ରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଏଥିରେ ବିଚାରକ ଭାବେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଘାସିନାଥ ମହାନ୍ତି, ଅଜିତ ଅଧିକାରୀ, ପ୍ରତିମା ସାବତ, ଦୀନବନ୍ଧୁ ପତି, ରଙ୍ଗାଧର ଜେନା, ସୁଧାଂଶୁମାଳା ବକ୍ସି, ଅଭିନନ୍ଦନ ମନ୍ତ୍ରୀଙ୍କୁ ବିଚାରକ ଭାବେ ନିଯୁକ୍ତ କରାଯାଇଥିଲା। ଏହି ବିଚାରକମାନଙ୍କ ଦ୍ୱାରା ଜୁନିଅର ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରଶ୍ମି ନାଏକ, କ୍ରିଷ୍ଣା ଦେହୁରୀ, ମୋନାଲିସା ପୃଷ୍ଟି, ଗୁଣଗୁନ କୁମାରୀ, ଅର୍ଜୁନ ତିରିଆ, ଅର୍ଚ୍ଚନା ବଦ୍ରା ଓ ସିନିୟର ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଲକ୍ଷ୍ମୀ ପୂର୍ତ୍ତି, ତନୁଶ୍ରୀ ନାଏକ, ପ୍ରିୟଙ୍କା ସ୍ୱାଇଁ, ଲଭଲୀ ଦାଶ, ମୁନା ଦାଶ, ଉର୍ମିଳା ପାତ୍ରଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶକୁ ଏହି ଶିଶୁ ମହୋତ୍ସବ ସୁରଭି ମାଧ୍ୟମରେ ପ୍ରକଟିତ କରିବା ସହିତ ସେମାନଙ୍କର ପ୍ରତିଭାକୁ ଆଗକୁ ନେବାର ଏହା ଏକ ମାଧ୍ୟମ ବୋଲି ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୨୯ ତାରିଖରେ ବ୍ଲକସ୍ତରୀୟ ମହୋତ୍ସବରେ ଭାଗନେବା ସହିତ କୃତି ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ସିଆରସିସି ଧ୍ରୁବଚରଣ ପାତ୍ର ନିଜର ବକ୍ତବ୍ୟ ରଖିବା ସହିତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ଶେଷରେ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# କାର୍ତ୍ତିକ ମାହାତ୍ମ୍ୟ : ହବିଷ

------ବିପିନବିହାରୀ ମହାନ୍ତି------



କାର୍ତ୍ତିକ ଏକ ଧର୍ମମାସ। ପ୍ରତ୍ୟେକ ବର୍ଷରେ କାର୍ତ୍ତିକ ମାସର ପୂର୍ଣ୍ଣମୀ ତିଥି କୃତ୍ତିକା ନକ୍ଷତ୍ରରେ ପଡୁଥିବା ହେତୁ, ଏହି ମାସର ନାମ କାର୍ତ୍ତିକ ହୋଇଅଛି। ଏହି ମାସର ନାନାବିଧ ପର୍ବ-ପର୍ବାଣୀ ଏବଂ ଓଷାବ୍ରତ ମଧ୍ୟରୁ କାର୍ତ୍ତିକବ୍ରତ ବା ହବିଷ ଅନ୍ୟତମ। ଯେଉଁମାନେ ଏହି ହବିଷ କରନ୍ତି, ସେମାନଙ୍କୁ ହବିଷ୍ୟାଳୀ କୁହନ୍ତି। ମାଣବସା, ଖୁଦୁରୀକୁଣୀ, ତଅପୋଇ ଓ ବୁଧେଇ ଓଷାପରି ଅନେକ ବ୍ରତ ନାରୀ ପ୍ରମୁଖ। ଏହା ସେହିପରି ନାରୀ ପ୍ରମୁଖ ହେଲେ ମଧ୍ୟ ବିଧବାମାନଙ୍କର ପ୍ରବଣତା ଅଧିକ। ଏ ବ୍ରତ ମଧ୍ୟ ପୁରୁଷମାନେ କରିପାରିବେ। ମହାଲକ୍ଷ୍ମୀ ପୁରାଣରେ ଲେଖାଅଛି : ସଧବାନାରୀର ପତିବିନା ନାହିଁ ଅନ୍ୟଗତି। ତପ, ଜପ, ଦେବ ପୂଜା ତାହାର ଅନୀତି। କିନ୍ତୁ ଏହା ସଧବା, ବିଧବା, ପୁରୁଷ ଏବଂ ଚାରିବର୍ଣ୍ଣର ଲୋକେ କରିପାରିବେ। ଏହାସତ୍ତ୍ୱେ ସଧବା ନାରୀମାନେ ଏହାକୁ ପାଳନ କରିବାର ଦୁଇଟି ତାତ୍ପର୍ଯ୍ୟ ଅଛି। ପ୍ରଥମଟି ହେଲା ଏହି ବ୍ରତ ପାଳନରେ ଗୃହରେ ଅଶେଷ କଲ୍ୟାଣ ହୁଏ। ଘର ଧନ-ଜନ-ଜନ-ଗୋପ ଲକ୍ଷ୍ମୀ ଏବଂ ସୁଖ ଶାନ୍ତିରେ ଭରପୁର ହୋଇଯାଏ। ଜଣେ ନାରୀ ବିଶେଷକରି ଗୃହିଣୀ ଘରର କଲ୍ୟାଣ ମୟୀ। କାର୍ତ୍ତିକ ପରେ ମାର୍ଗଶୀର ମାସରୁ ନୂଆବର୍ଷ ଆରମ୍ଭ ହେଉଥିବାରୁ ଆଗାମୀ ବର୍ଷର ଶୁଭ ମନାସୀ ଗୃହିଣୀଟିଏ ଏବ୍ରତ ପାଳନ କରେ। ଦ୍ୱିତୀୟ କାରଣଟି ହେଲା ଯାହାକାଳେ କାଳେ ବ୍ୟକ୍ତିଗତ : ଯାହା ଖାଇଥିବ ପେଟକୁ, ଯାହା ନେଇଥିବ ବାଟକୁ। କାର୍ତ୍ତିକ ବ୍ରତ ପାଳନ ଦ୍ୱାରା ମହାପାତକ ନଷ୍ଟ ହୁଏ। ମୃତ୍ୟୁପରେ ସ୍ୱର୍ଗଲୋକ ବା ବୈକୁଣ୍ଠ ଲୋକ ପ୍ରାପ୍ତି ହୁଏ। ଏହାହିଁ ତ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ଚରମ ଲକ୍ଷ୍ୟ। ଏଇଥିପାଇଁ କି ବିଧବା, କି ସଧବା ଅଥବା ପୁରୁଷ, ସମସ୍ତେ ଏ ବ୍ରତ ପାଳନ କରିପାରିବେ। ଏମିତିକି ବିଷ୍ଣୁଙ୍କର ସାନିଧ ମଧ ଲାଭ କରିପାରିବେ। ଏ ନେଇ କାର୍ତ୍ତିକ ମାହାତ୍ମ୍ୟ ବର୍ଣ୍ଣିତ ଏକ କାହାଣୀ ଉପସ୍ଥାପନା କରୁଅଛୁ :

ସତ୍ୟଯୁଗ ଅନ୍ତେ ଉତ୍ତର ହିମାଳୟ ପ୍ରାନ୍ତ ଭାଗରେ ମାୟାପୁରରେ ଆତ୍ରେୟ ବଂଶରେ ଦେବଶର୍ମା ନାମ ଜଣେ ବ୍ରାହ୍ମଣ ଥିଲେ। ତାଙ୍କର ସକଳ ଗୁଣ ସଂପନ୍ନା 'ଗୁଣବତୀ' ନାମକ ଏକ କନ୍ୟା ଥିଲା। ସେ ଶୈଶବରୁ ମାତୃହୀନା ଥିଲା। ବୟସ ହୁଅନ୍ତେ ଚନ୍ଦ୍ରହୋତ୍ର ନାମକ ଜଣେ ବ୍ରାହ୍ମଣ କୁମର ସହିତ ସେ ତାକୁ ବିବାହ କରିଦେଲେ। ଏକଦା ଶ୍ୱଶୁର ଏବଂ ଜୋଇଁ ସମିଧ ସଂଗ୍ରହ ପାଇଁ ଜଂଗଲକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ରାକ୍ଷସ ବଧକଲା। ସେମାନଙ୍କୁ ବିଷ୍ଣୁଦୂତମାନେ ଆସି ବୈକୁଣ୍ଠପୁର ନେଇଗଲେ। ସେମାନେ ସୂର୍ଯ୍ୟ ପୂଜକ ଥିଲେ। ତାଙ୍କ ଧର୍ମବଳରୁ ସେମାନେ ମୋକ୍ଷ ହେଲେ। ବିଷ୍ଣୁଙ୍କ ମତେ: *"ଯେ ସୌର ଗଣପତ୍ୟଶୈବ, ଶାକ୍ତ ଆବର ଯେ ବୈଷ୍ଣବ। ଏମାନେ ଲଭନ୍ତି ମୋପୁର, ଯଥାସାଗର ବର୍ଷାନୀର॥ ମୁହିଁଟି ପଞ୍ଚ ଆତ୍ମା ହୋଇ, ସଂସାର ଚକ୍ରରେ ଖେଳଇ। ଧର୍ମବଳେ ସେ ବିପ୍ରବେନି, ମୋତେ ପାଇଲେ ଗୋ ଭାବିନୀ॥"*

ଏମାନଙ୍କ ମୃତ୍ୟୁକଥା ଚାରମାନେ 'ଗୁଣବତୀ'ଙ୍କୁ କହିଲେ। ସେ ଦୁଃଖରେ ଆତ୍ମହରା ହୋଇଗଲେ ସତ; ହେଲେ ଉପାୟ କ'ଣ? କର୍ମନେଇ ଫଳ। ସେ ଆଗରୁ ପୁରାଣ ପାଠ ଶୁଣିଥିଲେ: *"ବିଷ୍ଣୁଙ୍କ ଅତିପ୍ରିୟ ବ୍ରତ। କାର୍ତ୍ତିକ ବିଧି ଯଥା କୃତ୍ୟ॥ ସଂକଳ୍ପ କଲା ତାହା ବାଳୀ। ସ୍ୱଭାବେ ଏକାଦଶୀ ପାଳି॥ ପାପପ୍ରମାଦ ଭୟଚିତ୍ତ। ମିଥ୍ୟା ନଭାଷି କହି ସତ୍ୟ॥ ତିଥି ସଂକଳ୍ପେ ଉପବାସୀ। କରଇ ବ୍ରତ ଏକାଦଶୀ॥ ଆବର ପୂର୍ଣ୍ଣିମାସୀ ଜାଣି। କାର୍ତ୍ତିକ ବ୍ରତ ଯାହାଭଣି॥"*

ବିଧି ଅନୁଯାୟୀ ସେ କାର୍ତ୍ତିକ ବ୍ରତ କଲେ। କିଛି ଦିନଠି ତାଙ୍କର ମୃତ୍ୟୁ ହେଲା। ସ୍ୱର୍ଗରୁ ସୁବର୍ଣ୍ଣରଥ ଆସିଲା। ସେଥିରେ ବସି ସେ ସ୍ୱର୍ଗଗଲେ ଏବଂ ଲକ୍ଷ୍ମୀଙ୍କର ସଖୀ ହୋଇ ରହିଲେ। ପୁନଶ୍ଚ ସେହି କାର୍ତ୍ତିକବ୍ରତର ପୂଣ୍ୟବଳରୁ ଦ୍ୱାପର ଯୁଗରେ କୃଷ୍ଣଙ୍କର ରାଣୀ ସତ୍ୟଭାମା ହେଲେ।

"ରୁକ୍ମିଣୀ ଲକ୍ଷ୍ମୀ ଉତପତ୍ତି। ତୁମେ ଯେ ପୂର୍ବେ ପୂଣ୍ୟବତୀ। ଏବେ ହୋଇଲେ ସତ୍ୟଭାମା। କୁହନ୍ତି ପୁରୁଷ ଉତ୍ତମା॥ ଯେ ଚନ୍ଦ୍ର ହୋତ୍ରି ଦ୍ୱିଜବର। ସେ ଏବେ ଭକତ ଅକ୍ରୁର। ଯେ ଦେବ ଶର୍ମା ତୁମ୍ଭ ତାତ। ସେ ଏବେ ନାମେ ଶକ୍ରାଜିତ॥ ଯେ ତୁମ ପାଳିତା ତୁଳସୀ। ସେ କଳ୍ପଦ୍ରୁମ ହେଲା ଆସି॥ ଏହି ସେ ଧର୍ମ ତୁମ୍ଭ ଫଳ। ତରି ତାରିଲ ବେନିକୁଳ॥ କାର୍ତ୍ତିକ ବ୍ରତ ଫଳ ଶ୍ରୁତି। ଯେଣୁ ମୁଁ ତୁମ୍ଭ ପ୍ରିୟ ଅତି॥ ପୂର୍ବେ ଯେ କରିଥିଲ ତପ। ନିଶି ଆଗମେ ଜାଳିଦୀପ॥ ତେଣୁ ସନ୍ତୋଷ କମଳିନୀ। ତୁମ୍ଭେ ଯେ ତାଙ୍କ ସପତଣୀ।



କାର୍ତ୍ତିକ ବ୍ରତର ଶୁଭଫଳ ନେଇ ଅନେକ ଧାର୍ମିକ କାହାଣୀ ଅଛି। ଏ ବ୍ରତ କାର୍ତ୍ତିକ ମାସର କୃଷ୍ଣ ପ୍ରତିପଦା ଠାରୁ ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣିମା ଦିନ ଉଦ୍‌ଯାପିତ ହୁଏ। ବ୍ରତ ଆରମ୍ଭ ପୂର୍ବରୁ ତୁଳସୀ ଚଉରାମୂଳେ ବ୍ରାହ୍ମଣ ଡାକି ସଂକଳ୍ପ କରାଯାଏ। ସଂକଳ୍ପ ପାଇଁ ହରିଡ଼ା, ବାହାଡ଼ା, ଦୁବ, ଅଁଳା, ଗୁଆ, ଅରୁଆ ଚାଉଳ ଖସା ଓ ଗଙ୍ଗାଜଳ ଇତ୍ୟାଦି ଲୋଡାହୁଏ। ଏହି ସଂକଳ୍ପ ଆଶ୍ୱିନ ଶୁକ୍ଳ ଏକାଦଶୀ ଦିନ କଲେ ବହୁ ପୁଣ୍ୟ ଅର୍ଜନ ହୁଏ। କାର୍ତ୍ତିକ ମାସରେ ହବିଷ୍ୟାଳୀ ବା ହବିଷକାରୀମାନେ ଏକ ନୈମିତ୍ତିକ ନିୟମ ପ୍ରତିଦିନ ପାଳନ କରନ୍ତି। ପ୍ରାତଃ ସ୍ନାନସାରି ସୂର୍ଯ୍ୟଙ୍କୁ ନମସ୍କାର କରନ୍ତି ଏବଂ ଜଳ ଆଞ୍ଜୁଳି ଦାନ କରନ୍ତି। ଏହାପରେ ଦେବାଦେବୀ ଦର୍ଶନ ପୂର୍ବକ ବର, ଓସ୍ତ, ମାଳତୀ, ଅଁଳା ଇତ୍ୟାଦି ବୃକ୍ଷଙ୍କୁ ପୂଜା ଓ ଜଳଲାଗି କରନ୍ତି। ଏସବୁଗୁଡ଼ିକ ପୂଜା କରିବାର ଧାର୍ମିକ କାରଣ ଅଛି। ବର ଏବଂ ଓସ୍ତ ଯଥାକ୍ରମେ ବିଷ୍ଣୁ ଓ ଶିବଙ୍କର ସ୍ଥାବର ରୂପ; ମାଳତୀ, ଅଁଳା ଓ ତୁଳସୀ ବୃନ୍ଦାବତୀଙ୍କର ଧାତ୍ରୀ ରୂପ। ଏଥୁ ଅନ୍ତେ ତୁଳସୀ ଚଉରା ମୂଳକୁ ଗୋବରରେ ଲେପନ କରି, ପଞ୍ଚବର୍ଣ୍ଣ ମୁରୁଜରେ ବିଭିନ୍ନ ଦେବ ଦେବୀଙ୍କ ଚିତ୍ର କରନ୍ତି। ଏହାପରେ ଚଉରା ପୂଜାରେ ଖଇ, କଦଳୀ, କମଳା, ଚାଉଳିଆ ଏବଂ ବଡ଼ିଆଳ ଇତ୍ୟାଦି ଫଳ ଭୋଗ କରନ୍ତି। ଏଥୁଅନ୍ତେ କାର୍ତ୍ତିକ ମହାତ୍ମ୍ୟ, ରାଧାମାଧବ ଅଷ୍ଟକ, ବିଷ୍ଣୁ ସହସ୍ରନାମ ଇତ୍ୟାଦି ଧର୍ମପୁରାଣ ପଠନ ବା ଶ୍ରବଣ କରନ୍ତି। ଚଉରା ଚାରିପଟେ ତୁଳସୀଙ୍କ ଉଦ୍ଦେଶ୍ୟରେ ଗୀତଗାଇ ନାଚି ଭକ୍ତିଭାବରେ ଉନ୍ମତ୍ତ ହୁଅନ୍ତି-"ଆଗୋ ତୁଳସୀ ଦେବୀ, ଅଟୁ ଶ୍ରୀକୃଷ୍ଣ ପ୍ରାଣ ବଲ୍ଲଭୀ ଗୋ, ମୂଳେ ତୋର ଗଙ୍ଗା, ଡାଳେ ତୋର ବିଷ୍ଣୁ, ପତ୍ର ଦେବତାଙ୍କ ବାସ, ସେ ପତ୍ର ପଡ଼ିଲେ ମଣୋହୀ ହୁଅଇ କହଇ ଗୋଲକଦାସ॥"

ସଂଧାରେ ଚଉରାମୂଳେ ଦୀପଦାନ ଦେଇ ଏବଂ ଆକାଶ ଦୀପ ଜାଳନ୍ତି। ଆକାଶଦୀପ ପ୍ରେତପୁରୁଷ ବା ପିତୃ ପୁରୁଷଙ୍କର ପ୍ରତି ସମର୍ପିତ ଏକ ଦୀପ। ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କର ଶୂନ୍ୟଗାମୀ ପିତୃଲୋକ ବା ସ୍ୱର୍ଗଲୋକର ଅନ୍ଧକାର ପଥକୁ ଆଲୋକିତ କରିବା ଏହା ଉଦ୍ଦେଶ୍ୟ। କାର୍ତ୍ତିକ ବ୍ରତର କେଉଁଦିନ ଓ କିପରି କ'ଣ କରାଯିବ ଏହା ଧର୍ମପୁରାଣ ମାନଙ୍କରେ ଲେଖା ହୋଇଅଛି। ଯେମିତି: "କାର୍ତ୍ତିକ ମାସ ପ୍ରାତଃ କାଳେ। ସ୍ନାନ କରିବ ଶୀତଜଳେ॥ କାର୍ତ୍ତିକ ମାସ ପ୍ରାତଃ କାଳେ। ବିଷ୍ଣୁର ନାମ ଶିବ ଆଳେ॥ କାର୍ତ୍ତିକ ମାସ ପ୍ରାତଃ ସ୍ନାନ। ଆବର ତୁଳସୀ ସେବନ॥ ସ୍ତୁତି କରିବ ଯୋଡ଼ିକର। ବୋଲିବ ତ୍ରାହି ଦିନେଶ୍ୱର॥ ହବିଷ ଅନ୍ନ ଏକାବେଳେ। ଦୀପ ବସାଇ ସାୟଂକାଳେ॥ ବିଶେଷ ତୁଳସୀ ସେବନେ। ଅସଂଖ୍ୟ ଧର୍ମ ଦୀପଦାନେ॥"

କାର୍ତ୍ତିକ ବ୍ରତରେ ଖାଦ୍ୟପେୟର କଟକଣା ଅଛି। ମାସସାରା ଏକ ବେଳିକିଆ ସଂଧ୍ୟା ପୂର୍ବରୁ ହବିଷ ଅନ୍ନ ପାଇବ। 'ହବି' କହିଲେ ଘୃତ ବା ଘିଅ। ଅର୍ଥାତ୍ ଘୃତ ମିଶ୍ରିତ ଅନ୍ନ ପାଇବ। ଏହା ଶୁଦ୍ଧ ପାତ୍ରରେ ରନ୍ଧନ ହୋଇ ବେଲପତ୍ର ଯୋଗେ ଠାକୁରଙ୍କୁ ସମର୍ପଣ ହେବ। ତା'ପରେ ନିରୋଳାରେ ଅନ୍ୟମାନଙ୍କର, ଅଲକ୍ଷ୍ୟରେ ଭୋଜନ ହେବ। ତରକାରୀ ଆକାରେ ସାରୁ, ବନ୍ତଳ କଦଳୀ, ମୁଗଡାଲି, ମାଟିଆଳୁ, ଓଉ, ଅଦା, ନଡ଼ିଆ ଇତ୍ୟାଦି ଦରକାର ହୁଏ। ବିନା ଛୁଙ୍କରେ ଏହା ପ୍ରସ୍ତୁତ ହେବ। ଅବଶ୍ୟ ପଞ୍ଚୁକରେ ଘିଅ ଛୁଙ୍କ ଦିଆଯାଇପାରେ। କୁହାଯାଇଛି: "ମଧୁ ମାଂସାବି ଯେ ଆମିଷ। କୋଳଥ ମସୁର ଯେ ମାଂସ। କାର୍ତ୍ତିକୀ ଆଦି କଣ୍ଟାଫଳ। କୃଷ୍ଣାନ୍ତି ଆଦି ମଧୁରାଳ। ଅଗସ୍ତି ବିନୁ ଯେତେସାକି। କାର୍ତ୍ତିକେ ନ ଭକ୍ଷଇ ବ୍ରତୀ। ଲେମ୍ବୁ, ଜମ୍ବାଳ ବହୁ କାଜି। ମୂଳା କକଡ଼ା କର୍କ ଭେଜି॥ ତିଳ ଏରଣ୍ଡ ରସବେନି। କାର୍ତ୍ତିକେ ଅଙ୍ଗରେ ନଘେନି॥ ଅଜା ମଇଁଷି ବେନି କ୍ଷୀର। କାର୍ତ୍ତିକେ ନକରି ଆହାର॥ ତାମ୍ବୁଳ ଆଦି ମୁଖ ବାସ। ଭକ୍ଷଣେ ଅତି ବଡ଼ ଦୋଷ॥ ଭୋଜନ ନକହି ବଚନ। ମଉନେ କରି ଆଚମନ॥"



ସେହିପରି ସ୍ତ୍ରୀ ସଂଗ ଓ କୋମଳ ଶଯ୍ୟା ନିଷେଧ। ତୃଣଶଯ୍ୟାରେ ଶୟନ ଇତ୍ୟାଦି କେତେକ ନାସ୍ତି ଓ ଆସ୍ତିସୂଚକ ନିୟମ ରହିଛି। ଭବିଷ୍ୟାଳୀମାନେ ଅଁଳା ନବମୀ ଦିନ ଅଁଳା ଗଛମୂଳେ ଭୋଜନ କରନ୍ତି। କେହି କେହି ରାଧାପାଦ ଦର୍ଶନ ପାଇଁ ସାକ୍ଷୀଗୋପାଳ ଯାଆନ୍ତି। ଏହି କାର୍ତ୍ତିକ ମାସଟି ସାରା ଶ୍ରୀକ୍ଷେତ୍ର ପୁରୀରେ କାର୍ତ୍ତିକିୟାଣୀଙ୍କର ଭିଡ଼। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଶେଷକରି ପୁରୀ, ଗଞ୍ଜାମ, ଖୋର୍ଦ୍ଧା, କଟକ, ବାଲେଶ୍ୱର,ମୟୁରଭଞ୍ଜ ଏବଂ ଢେଙ୍କାନାଳ ଇତ୍ୟାଦିରୁ ବହୁ ହବିଷ୍ୟାଳୀ ଆସି ଏଠି ଜମା ହୁଅନ୍ତି। ତହିଁକି ପୁରୀ ପଞ୍ଚକୋଶୀ ଅଞ୍ଚଳରୁ ହବିଷ୍ୟାଳୀଙ୍କର ଆଗମନ ଏକ ସାଧାରଣ କଥା। ପୁରୀର ମନ୍ଦିରଠାରୁ ଆରମ୍ଭ କରି ଶ୍ୱେତଗଙ୍ଗା, ମାର୍କେଣ୍ଡଶ୍ୱର ପୋଖରୀ, ନରେନ୍ଦ୍ର ପୋଖରୀ, ଇନ୍ଦ୍ରଦ୍ୟୁମ୍ନ ଏମିତିକି ସମୁଦ୍ରକୂଳ ସବୁଆଡ଼େ ଏମାନଙ୍କର ଭିଡ଼। ଏଠାରେ ସେମାନେ ବେଳିକିଆ ମହାପ୍ରସାଦ ଖାଇ ହବିଷ ପାଳନ୍ତି। ମନ୍ଦିରର ପ୍ରାଙ୍ଗଣରେ ରାଧା ଦାମୋଦରଙ୍କର କଥା ଶୁଣନ୍ତି ଏବଂ ଭଜନ କୀର୍ତ୍ତନ କରନ୍ତି। କାର୍ତ୍ତିକ ଏକାଦଶୀକୁ ବଡ଼ଏକାଦଶୀ କୁହାଯାଏ। ଲେଖାଯାଇଛି: "ଦଶମୀ ତିଥି ଆଦି କରି। ଦ୍ୱାଦଶମଧ୍ୟେ ବ୍ରତଚାରୀ॥ ମଧ୍ୟ ଦିବସ ଉପବାସୀ। ବ୍ରତ କରିବେ ଏକାଦଶୀ॥ ବେନି ପକ୍ଷରେ ବେନି ବାର। ବ୍ରତ ପାଳିବେ ସୁରନର॥ ସଂକଳ୍ପେ ତୁମ୍ଭ ନାମ ଚିନ୍ତି। ଖଣ୍ଡିବେ ତ୍ରିଗୁଣ ବିପତ୍ତି॥ ଅନ୍ତେ ଲଭିବେ ତୁମ ପୁରୀ। ଏମିତି ଆଜ୍ଞା ଦେବା ହରି॥"

କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀଠାରୁ ପଞ୍ଚୁକ ଆରମ୍ଭ ହୁଏ। ପଞ୍ଚୁକଟି କଡ଼ାକଡ଼ି ଭାବେ ପାଳନହୁଏ। ପଞ୍ଚୁକରେ ବଗ କୁଆଡ଼େ ମାଛ ଖାଆନ୍ତି ନାହିଁ। ଏହି ପାଞ୍ଚଦିନ କାର୍ତ୍ତିକ ବ୍ରତ ପାଳନ କଲେ ଅସଂଖ୍ୟ ଫଳ ମଧ ମିଳେ। ପୂର୍ଣ୍ଣିମା ଦିନ ସକାଳୁ ଦୀପଦାନ ଡଙ୍ଗା ଛଡ଼ାଯାଏ : *"ଆ'କା' ମା' ଭୈ, ପାନ ଗୁଆ ଖୋଇ/ପାନ ଗୁଆ ଯାକ ତୋର/ ମାସକ ଧର୍ମ ମୋର॥"*

କାର୍ତ୍ତିକ ପୂର୍ଣ୍ଣିମାକୁ ରାସ ପୂର୍ଣ୍ଣୀମା କୁହନ୍ତି। ଏହିଦିନ ରାଇ ଦାମୋଦର ପ୍ରେମରେ ସମସ୍ତେ ଭୋଳ ଥାଆନ୍ତି। ମଥୁରାକୁ ଅକ୍ରୁର କୃଷ୍ଣ ବଳରାମଙ୍କୁ ନେଲାବେଳେ ବାଟରେ ସ୍ନାନବେଳେ ଅକ୍ରୁରଙ୍କର ଦାମୋଦର ଦର୍ଶନକୁ ନେଇ ରାଇ ଦାମୋଦର ପର୍ବ ପାଳିତ ହୁଏ। ସେଦିନ ଚଉରାମୂଳରୁ ଆରମ୍ଭ କରି ମଠ ମନ୍ଦିର ଏବଂ ପାହାଡ଼ ଦିଅଁ ଯାଏଁ କେବଳ ତାଙ୍କରି ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଚାଲେ ଏବଂ ରାଇ ଦାମୋଦର ଚିନ୍ତନ ଓ ପୂଜନ ହୁଏ। ଏଠାରେ ରାଇ କହିଲେ କୃଷ୍ଣଙ୍କର ପ୍ରେମୀକା ରାଧାଙ୍କୁ ବୁଝାଏ। ରାଇ ଦାମୋଦର ପୂଜା ଯଦିଓ ମାସସାରା ଚାଲିଥାଏ ପୂର୍ଣ୍ଣମା ଦିନ ଏହାର ଉଦ୍‌ଯାପନ ହୁଏ। ସେହିଦିନ କାର୍ତ୍ତିକ ବ୍ରତ ମଧ ଉଯାପନ ହୁଏ। ଏହା ପୁଣି ସଂକଳ୍ପ ପରି ବିଧିସମ୍ମତ। "କୁସୁମ ଚାମର ବସନେ। ମଣ୍ଡପ ମଣ୍ଡିବ ଯତନେ॥ ଗୋମୟ ଘେନି ତଳଲିପି। ତୁଳସୀ ମୂଳେ ବିଷ୍ଣୁ ଥାପି॥ ପଞ୍ଚବର୍ଣ୍ଣ ମୁରୁଜ ଯୋଗେ। ଚିତ୍ର କରିବ ଭୂମି ଭାଗେ॥ ଦ୍ୱାରେ ସ୍ଥାପିବ ଦ୍ୱାରପାଳ। ପୂର୍ବ ଭାବରେ ଅତିଶୀଳ॥ ଯେ ବ୍ରହ୍ମା ବିଷ୍ଣୁ ମହେଶ୍ୱର। ଏମନ୍ତେ କଳ୍ପି ଦ୍ୱିଜବର॥ ତିନିକୁ ଆସନେ ବସାଇ। ପୂଜିବ ଗନ୍ଧ ପୁଷ୍ପ ଦେଇ॥" ଇତ୍ୟାଦି ବିଧିଯୋଗେ ଉଦ୍‌ଯାପନ କରାଯାଏ। କୁହାଯାଇଛି ଯେ ଯେତେ ଦର୍ଶନ, ଯେତେ ତୀର୍ଥ, ଯେତେ ଯାଗ ଯଜ୍ଞ ଇତ୍ୟାଦି ଅଛି ସେସବୁର ଧର୍ମ ଠୁଳ କଲେ କାର୍ତ୍ତିକ ବ୍ରତ ଧର୍ମ ସହିତ ସମାନ ନୁହେଁ। "ଏସବୁ ଧର୍ମ ଠୁଳ କରି। କାର୍ତ୍ତିକ ବ୍ରତ ନୁହେଁ ସରି॥ ଯାବତ ପୁଣ୍ୟ କରି ଏକ। ସହସ୍ର ଗୁଣରେ କାର୍ତ୍ତିକ॥ ବିଷ୍ଣୁଙ୍କର ଅତି ପ୍ରିୟ ଯେଣୁ। କାର୍ତ୍ତିକ ମହାପୂଣ୍ୟ ତେଣୁ॥ ହବିଷ ଶତ ପୁଣ୍ୟଜାଣ। ଉଦ୍ୟାପନରେ ଲକ୍ଷଗୁଣ॥ ଯାର ଯୋଗରେ ସ୍ୱର୍ଗଭୋଗ। କାର୍ତ୍ତିକେ ବୈକୁଣ୍ଠର ଯୋଗ॥ ବ୍ରାହ୍ମଣ ଆଦି ଚାରିବର୍ଣ୍ଣ। ସ୍ତିରୀ ପୁରୁଷ ଯେବାଜନ। ବିନା କାର୍ତ୍ତିକେ ଶୁଦ୍ଧ ନୋହି । ବିଷ୍ଣୁ ଶ୍ରୀମୁଖେଛନ୍ତି କହି॥"

***—କାର୍ତ୍ତିକ ମାହାତ୍ମ୍ୟ : ପଦ୍ମ ପୁରାଣ॥***

ଅର୍ଥାତ୍ ଜାତି- ଗୋଷ୍ଠୀ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଏବ୍ରତ ପାଳନ କରିପାରିବେ। ଉପରୋକ୍ତ ଆଲୋଚନାଗୁଡ଼ିକ ଆମେ କେବଳ ଧାର୍ମିକ ଦୃଷ୍ଟି କୋଣରୁ କରିଅଛୁ। ଏକଥା ଆମେ ଭୁଲିଯିବା ନାହିଁ ଯେ କୌଣସି ଧର୍ମ ବିଜ୍ଞାନ ସମ୍ମତ ନୁହେଁ। 'ଧୃ' ଧାତୁରୁ ଧାରଣ କରିବା ଅର୍ଥରେ ଧର୍ମ। ହବିଷ ପାଳନକୁ ସାଧାରଣ ଭାବରେ କହିଲେ ସାତ୍ତ୍ୱିକ ଆହାର ଗ୍ରହଣ ପୂର୍ବକ ଧର୍ମକଥା ପଠନ ବା ଶ୍ରବଣ ସହ ପ୍ରକୃତିର ନୀତିନିୟମ ମଧ୍ୟରେ ସଂଯମୀ ଜୀବନ ପାଳନ କରିବା। ବିଜ୍ଞାନ ମତରେ ପ୍ରାତଃ ସ୍ନାନ, ହବିଷ ଭୋଜନ, ଦୀପଦାନ, ଆକାଶଦୀପ ଜ୍ୱଳନ, ଏକାଦଶୀ ଉପବାସ ପାଳନ, ତୁଳସୀ ପତ୍ର ଓ ଜଳ ସେବନ ତଥା ମାଳା ଧାରଣ ସମସ୍ତେ ସ୍ୱାସ୍ଥ୍ୟ, ପ୍ରଦାୟକ। ଏଠାରେ ଗୋଟିଏ ଦୃଷ୍ଟାନ୍ତ ନେଇ ବିଚାର କରିବା। **ତୁଳସୀ ପୂଜନ କଥା:** "ମୂଳେ ତୋର ଗଙ୍ଗା, ଡାଳେ ତୋର ବିଷ୍ଣୁ ପତ୍ର ଦେବତାଙ୍କ ବାସ। ସେ ପତ୍ର ପଡ଼ିଲେ ମଣୋହି ହୁଅଇ, କୁହଇ ଗୋଲକବାସ।" ମୂଳେ ତୋର ଗଙ୍ଗା କହିଲେ: ତୁଳସୀ ମୂଳର ଜଳ ଗଙ୍ଗାପରି ହଜମକାରୀ। ଡାଳେ ତୋର ବିଷ୍ଣୁ କହିଲେ : ତୁଳସୀ ଡାଳର ମାଳ ଚର୍ମ ରୋଗ ବିନାଶକାରୀ। ପତ୍ରେ ଦେବତାଙ୍କ ବାସ କହିଲେ: ପତ୍ର ସେବନରେ କାଶ କଫ ଆଦି ରୋଗ ହୁଏ ନାହିଁ। ତା'ପତ୍ରରେ କର୍ପୁର ଥାଏ। ଏହା ଖାଦ୍ୟ ଉପରେ ପଡ଼ିଲେ ସେଥିରେ ମାଛିକି କି ଜୀବାଣୁ କୀଟାଣୁ ବସନ୍ତି ନାହିଁ। ଏହା କୀଟନାଶକ, ଏକ ପ୍ରତିଷେଧକ ମଧ୍ୟ। ଏଣୁ ତୁଳସୀ ପତ୍ର ପଡ଼ିଥିବା ଖାଦ୍ୟ 'ମଣୋହି' ଯୋଗ୍ୟ। ବିଶୁଦ୍ଧ ଭୋଜନୀୟ ଖାଦ୍ୟ। ପୁନଶ୍ଚ ତୁଳସୀ ପତ୍ର ସେବନ ସଂଯମୀ ଶକ୍ତି ବୃଦ୍ଧି କରେ ଅର୍ଥାତ୍ କାମ ପ୍ରବଣତା ହ୍ରାସ କରାଏ।

କାର୍ତ୍ତିକ ବ୍ରତ ମାଧ୍ୟମରେ ପ୍ରକୃତି ଉପାସନା ଏବଂ ପରିବେଶ ସୁରକ୍ଷା ଓ ପରିମଳ କଥା ବୁଝାଏ। ଆଦିମ ଯୁଗରୁ ମଣଷ ଯାହାଠୁ ଉପକାର ପାଇଛି, ତା'ର ସେବା କରି ଆସିଛି, ସେ ଉଦ୍ଭିଦ ବା ପ୍ରାଣୀ ହେଉ। ବର, ଓସ୍ତ ଏବଂ ନିମ୍ବ ଆମ୍ଭମାନଙ୍କୁ ପ୍ରଚୁର ଅମ୍ଳଜାନ ଦିଅନ୍ତି ଏବଂ ବିଶେଷଭାବରେ ମହୌଷଧି ବୃକ୍ଷ। ଏଥିପାଇଁ ନିମ୍ବରେ ଜଗନ୍ନାଥ ପୂଜା, ହରି ଅର୍ଥରେ ବର ପୂଜା; ଶିବ ଅର୍ଥରେ ଓସ୍ତପୂଜା। ଗୋଟିଏ ବରଗଛ ଯେତିକି ଶୀତଳ ଦିଏ ତାହା ୨୦୦୦ ରେଫ୍ରିଜିରେଟରଠାରୁ ଅଧିକ। ଯେତିକି ଅମ୍ଳଜାନ ତା' ଜୀବଦ୍ଦଶାରେ ଦିଏ ତା'ର ପରିମାଣ ୩୦ କୋଟି ଟଂକା ସହିତ ସମାନ। ଅଁଳା ବାର୍ଦ୍ଧକତା ଦୂର କରେ। ଏଣୁ ଧର୍ମ ମାଧ୍ୟମରେ ଏଠି ବୃକ୍ଷ ପୂଜା କଥା କୁହାଯାଇଛି। ଏମିତି କି ବିନା କାରଣରେ (ଔଷଧି ବ୍ୟତୀତ) ପତ୍ରଟିଏ ବି ଚିଣ୍ଡା ନାହିଁ; ଗଛ କାଟିବା ବା ଉପାଡ଼ିବା ଦୂର କଥା। ସବୁ କଥାରେ ଛେଦନ ନକରି ଲଗାଅ।

ଦୀପଦାନ ବା ଆକାଶ ଦୀପ ବିଚାରରେ ଧର୍ମ ନାଁରେ ଅନିଷ୍ଟକାରୀ, ପୋକ, ଜୋକ ଏବଂ ଜୀବାଣୁକୁ ବଧକର ବୋଲି କୁହାଯାଉଛି। ଗୋଟିଏ କଥା : ଧର୍ମ ନାଁରେ ବିଜ୍ଞାନ। ଠାକୁର ଥିଲେ ପୂଜା ଠିକ୍ ଅଛି। ବିଶ୍ୱାସ ମୂଳେ ହରି। ଏହାହିଁ ମାନସିକ ଶାନ୍ତି ଓ ଶୃଙ୍ଖଳରେ ବଂଚିବାର ଏକ ମାଧ୍ୟମ। ଅନ୍ୟପକ୍ଷରେ ସୁସ୍ଥ ପରମ୍ପରା, ପରିବେଶ ଓ ସୁସ୍ଥ ଜୀବନ ପାଇଁ କାର୍ତ୍ତିକ ବ୍ରତ ବା ହବିଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ।

***-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୧୩୮***

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୨୭

# ସାହିତ୍ୟର ପ୍ରଭାବ ବନାମ ପ୍ରଚାର



ଯୁଗେ ଯୁଗେ ମଣିଷ ନିଜକୁ ଅନ୍ୟଠାରେ ପରିପ୍ରକାଶ କରିବା ପାଇଁ ବ୍ୟାକୁଳ । ଏହି ବ୍ୟାକୁଳତା ହେଉଛି ତା'ର ରକ୍ତଗତ । ତେଣୁ କୁହାଯାଏ ମାନବର ରୂପାନ୍ତରଣ ପ୍ରବୃତ୍ତିକୁ ଆଧାର କରି ସାହିତ୍ୟ ସୃଷ୍ଟିଲାଭ କରିଥାଏ । ଶବ୍ଦ ସମୂହ ସ୍ରଷ୍ଟାର କଳାନୈପୁଣ୍ୟତାକୁ ଆଧାର କରି ସୁସ୍ଥ ମାନବିକ ଚେତନାକୁ ଉଦ୍‌ବେଳିତ କରିବା ସହ ଆତ୍ମାକୁ ଦେଇଥାଏ ପରିତୃପ୍ତି । ତେଣୁ ତ ପ୍ରତ୍ୟେକ ଯୁଗର ସୃଷ୍ଟି ପ୍ରକ୍ରିୟା ମଧ୍ୟରେ ସମକାଳୀନ ସମୟ ଓ ସଂସ୍କୃତିର ସ୍ପର୍ଶକୁ ଅନୁଭବ କରିହୁଏ। ସ୍ରଷ୍ଟାର ସାରସ୍ୱତ ଆତ୍ମପ୍ରକାଶ ଅନ୍ତରାଳରେ ସମାଜ ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ବାର୍ତ୍ତା ସଂଗୁପ୍ତ ଭାବରେ ରହିଥାଏ। ପ୍ରତ୍ୟେକ ସୃଷ୍ଟି ଅବ୍ୟକ୍ତକୁ ବ୍ୟକ୍ତ ଏବଂ ଅପ୍ରକାଶ୍ୟକୁ ପ୍ରକାଶିତ କରିଥାଏ । ସୃଷ୍ଟି ଧାରାରେ ଯୁଗୀୟ ରୁଚି ଓ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ। କହିବାକୁ ଗଲେ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ଭିତରେ ଯେଉଁ ପ୍ରବୃତ୍ତିଟି ଅଧିକ ମାତ୍ରାରେ ସ୍ରଷ୍ଟାକୁ ଉଦ୍‌ବେଳିତ କରିଥାଏ । ସେ ସବୁର ଆତ୍ମପ୍ରକାଶକୁ 'ଚେତନା' କୁହାଯାଏ ।

ଏହି ପରିପ୍ରେକ୍ଷୀରେ କହିରଖେ ଆମର ଅନେକ ବର୍ଷର ଅନେକ ଭାଷା, ଅନେକ ସାହିତ୍ୟ ଥିଲେ ହେଁ; ଉତ୍ସ ପ୍ରାୟ ସମାନ । ଏବେ ଆଧୁନିକ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟ ଭୂମିରୁ ଉତ୍ସାହ ଖୋଜିଛି କିନ୍ତୁ ପରମ୍ପରାରୁ କେବେ କେଉଁଠି ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇନାହିଁ। କାରଣ ଆଧୁନିକତା ପରମ୍ପରାହୀନ ଏକ ପରମ୍ପରା ନୁହେଁ ବରଂ ପରମ୍ପରାପ୍ରତି ଏକ ସଚେତନ ପୁନଃ ମୂଲ୍ୟାୟନ ଏବଂ ପୁନଃ ଅନୁଧ୍ୟାନର କ୍ଷେତ୍ର ହେଉଛି ଆଧୁନିକତା । ସଂକ୍ଷେପରେ କହିଲେ- ପରମ୍ପରାର ଏକ ବିକଶିତ, ମୋହମୁକ୍ତ, ପ୍ରାମାଣିକ ତଥା ମୁକ୍ତ ଅନ୍ୱେଷାର କ୍ଷେତ୍ର ହେଉଛି ଆଧୁନିକତା ।

ବସ୍ତୁତଃ ପରମ୍ପରା ଓ ଆଧୁନିକତାର ଏ ଆଲୋଚନା ପ୍ରସଙ୍ଗରେ ମାଟି, ମଣିଷ ଓ ସମୟ-ଏହି ତ୍ରିବିଧ ଧାରାର ସମନ୍ୱୟକୁ ଅନୁଧ୍ୟାନ କରାଯାଇପାରେ । ପ୍ରତ୍ୟେକ ମଣିଷ ମାଟିର ମୋହରେ, ସମୟର ଆହ୍ୱାନରେ ବ୍ୟାକୁଳିତ ହେବା ସ୍ୱାଭାବିକ। ସମୟର ଆହ୍ୱାନରେ ସଭ୍ୟତାର ପଥ ପ୍ରଶସ୍ତ ହୁଏ । ଅବରୁଦ୍ଧ ପରିସରକୁ ଅତିକ୍ରମ କରି ବ୍ୟକ୍ତି ମୁକ୍ତି ପଥର ଅଭିଯାତ୍ରୀ ସାଜେ । କିନ୍ତୁ ଅତୀତ ପ୍ରତି ପ୍ରତିକୂଳ ନୁହେଁ ବରଂ ଅତୀତର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ କରେ ପ୍ରସାରିତ । ପ୍ରତ୍ୟେକ ଜାତି- ସ୍ମୃତି, ସଂକେତ, ଇତିହାସ, ପୁରାଣ, କଥା, ଉପକଥା, ଅତିକଥା ଭିତରେ ପରିପୁଷ୍ଟ ହୋଇଛି । ଯୁଗଯୁଗ ଧରି ଗଡ଼ି ଆସୁଥିବା ଏହି ପ୍ରାଣଶକ୍ତିର ଉତ୍ସକୁ ଅଭିନବ ଭାବରେ ବ୍ୟାଖ୍ୟାୟିତ କରି ନୂତନ ହୁଏ ସମୁଜ୍ଜ୍ୱଳ। ବସ୍ତୁତଃ କହିବାକୁ ଗଲେ ପରମ୍ପରାର ଜୀବିତାଂଶକୁ ଗ୍ରହଣ କରି ନୂତନ ଭାବରେ ପ୍ରାଣ ପ୍ରବାହକୁ ଦର୍ଶାଇବା ହେଉଛି ଆଧୁନିକ ସାହିତ୍ୟର ଲକ୍ଷ୍ୟ ।

ଏଠାରେ ପ୍ରଶ୍ନଉଠେ ସଂପ୍ରତି ଆମ ସାହିତ୍ୟର ସ୍ରଷ୍ଟା ଏ ଦିଗରେ କେତେ ସଚେତନ ? କାରଣ ପ୍ରତ୍ୟେକ ସୃଷ୍ଟିର ଉଦ୍ଦେଶ୍ୟ- ବ୍ୟକ୍ତିଗତ ଆବେଗ ମାଧ୍ୟମରେ ସାମୂହିକ ଆବେଗ ଦିଗକୁ ଯାତ୍ରା ଏବଂ ନାନ୍ଦନିକ ଆବେଗ ସୃଷ୍ଟି ଦିଗରେ ଏକନିଷ୍ଠ ଉଦ୍ୟମ । ତତ୍ ସଂଗେ ସଂଗେ ଅତୀତ ସହ ବ୍ୟକ୍ତିକୁ ସଂଯୁକ୍ତ କରିବା ଏବଂ ଗତିଶୀଳ ପୃଥିବୀର ଅବିଚ୍ଛିନ୍ନ ଅଂଶ ଭାବରେ ଉପସ୍ଥାପିତ କରିବା । ଏ ଦିଗରେ ଆଧୁନିକ ସ୍ରଷ୍ଟା ବେଶ୍ ସଚେତନ ଥିଲେ ହେଁ କିଛି ଅସାହିତ୍ୟିକଙ୍କ ସାହିତ୍ୟ ମଧ୍ୟକୁ ଅନୁପ୍ରବେଶ; ସାହିତ୍ୟର ଲକ୍ଷ୍ୟପଥକୁ ଅବରୋଧ କରି ରଖିଅଛି ।

ସଂପ୍ରତି ଏଭଳି କିଛି ସ୍ରଷ୍ଟା ଅଛନ୍ତି ଯେଉଁମାନେ କି ଏକଚାଟିଆ ଭାବେ ସାହିତ୍ୟ ଚାଷ କରୁଛନ୍ତି । ସେମାନେ ସାହିତ୍ୟ ବେକରେ ପଘା ଲଗାଇ ସେମାନଙ୍କ ମନ ଯୁଆଡ଼େ ସିଆଡ଼େ ସାହିତ୍ୟକୁ ଟାଣି ନେଉଛନ୍ତି । ଫଳତଃ ସାହିତ୍ୟ ତା'ର ଲକ୍ଷ୍ୟପକ୍ଷରୁ କ୍ରମଶଃ ଦୂରେଇ ଯିବାଭଳି ମନେ ହେଉଛି । ଏମାନେ ସାହିତ୍ୟ ରୂପକ ସିଂହାସନ ଉପରେ ବସି କଳେବଳେ କୌଶଳେ ନିଜ ମସ୍ତକରେ ପୁରସ୍କାର ମୁକୁଟ ପିନ୍ଧିବା ଲାଗି ଆପ୍ରାଣ ଚେଷ୍ଟା କରନ୍ତି । ଯେଣୁ ତ ସବା ଉପର ମଞ୍ଚରେ ବସିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଚୁର ଦାନ ଦକ୍ଷିଣା ଦେବାରେ ମଧ୍ୟ ତିଳେମାତ୍ର କାର୍ପଣ୍ୟ କରନ୍ତି ନାହିଁ । ଏଭଳିମାନେ ସାହିତ୍ୟକୁ ଏକ କିଣାବିକା ସାମଗ୍ରୀ କରି ପକାଇଲେଣି । ପ୍ରଭାବ ଅପେକ୍ଷା ପ୍ରଚାର ଯୁଗଧର୍ମ ବୋଲି ସେମାନେ ମତ ପ୍ରକାଶ କରନ୍ତି । ତେଣୁ ତ କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ପୁରସ୍କାର ପାଇଲା ତାକୁ ସାହିତ୍ୟିକ ମାନଦଣ୍ଡ ଭାବେ ଗ୍ରହଣ କରାଗଲାଣି । ଯାହାଫଳରେ ସମ୍ବର୍ଦ୍ଧନା ପତ୍ର ପାଇବା ଓ ବା□ବାକୁ ନେଇ ଘୋଡ଼ା ବେପାର ବୃଦ୍ଧି ପାଇଲାଣି । ଏଥିପାଇଁ ସେମାନେ ସ୍ୱୀକୃତିର ସଚିବାଳୟ ଭିତରେ ନସର ପସର ହୋଇ ଧାଁ ଧପଡ଼ କରନ୍ତି । ଏସବୁକୁ ସାହିତ୍ୟ ସେବା ବୋଲି ଡିଣ୍ଡିମ ପିଟନ୍ତି । ହେଲେ ଖ୍ୟାତି କାମନାକୁ ସବା ଆଗରେ ଆଦରି ବସିଥିବା ଏଇ ସାହିତ୍ୟିକମାନେ; ଅନ୍ତଃସ୍ୱୀକୃତି ହିଁ ସାହିତ୍ୟର ମୂଳକୀର୍ତ୍ତି ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ।

ତେଣୁ ଆଜି ସାହିତ୍ୟର ଗୁଣାତ୍ମକ ଦିଗ ପ୍ରତି ଦୃଷ୍ଟି ନଦେଇ, କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ଏ ଯୁଗରେ ବଡ଼ପଣ୍ଡାଠାରୁ ପ୍ରଶଂସାପତ୍ର ପାଇଲା ସେସବୁର ବିଚାର କରିବାରେ ଲାଗିଛନ୍ତି । ଫଳରେ ସାହିତ୍ୟ ଆଜି ଗଗନ ନ ହୋଇ ଜଙ୍ଗଲ ହୋଇଛି । ଶନିବାରସୀୟ, ରବିବାରସୀୟ ସାହିତ୍ୟ ଉତ୍ସବମାନ ଛତୁ ଫୁଟିଲା ଭଳି ଗଢ଼ି ଉଠୁଛି । ସେଠାରେ ନିଜ ବନ୍ଦନା ନିଜେ ପଢ଼ି ନିଜକୁ ଅଧିକ ଭାଗ୍ୟବାନ ମନେକରୁଛନ୍ତି । ଫଳସ୍ୱରୂପ ସେମାନେ ସାହିତ୍ୟର ପ୍ରକୃତ ଲକ୍ଷ୍ୟ କ'ଣ ? ସେହି ପଥରୁ ଦୂରେଇ ଯାଉଛନ୍ତି ।

ବର୍ତ୍ତମାନ ସମୟ ଆସିଛି, ଏହି ସମସ୍ୟାର ସୂତ୍ର ଏକକ ସତ୍ତା ଭାବରେ ନୁହେଁ; ବରଂ ସମୂହର ଅଂଶ ଭାବରେ ସମ୍ମୁଖୀନ ହେବାର । ସାହିତ୍ୟ ସହ ସମ୍ପର୍କର ଅବିଚ୍ଛିନ୍ନ ସେତୁ ଭାବରେ ମାନବ ଆପଣା କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କଲେ ଯାଇ ସାହିତ୍ୟ ଏହି ବଡ଼ପଣ୍ଡାମାନଙ୍କ କବଳରୁ ମୁକ୍ତି ପାଇ ଏକକ ସହ ସମୂହର ସମନ୍ୱିତ ରୂପକୁ ପରିପ୍ରକାଶ କରିପାରିବ ଏବଂ ଆକାଂକ୍ଷା, ସ୍ୱପ୍ନ, ସମ୍ଭାବନାର କେନ୍ଦ୍ରବିନ୍ଦୁରେ ରହି ଆଗାମୀ ସମୟକୁ ବାର୍ତ୍ତା ପ୍ରଦାନ କରିବ ।

—ଡକ୍ଟର ମନୋରଞ୍ଜନ ବିଷୋୟୀ
ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ସଂପର୍କ: ୮୮୯୫୫୪୧୭୭୭

## ଆଜିର ଅନୁଚିନ୍ତା

ଭାଗ୍ୟରେ ଥିଲେ ପିତାମାତା ଓ ଗୁରୁଙ୍କଠାରୁ ଗାଳି ଶୁଣିବାକୁ ମିଳେ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ପ୍ରଗତିର ଶେଷ ପାହାଚରେ ଓଡ଼ିଶା !

ଶରତ କୁମାର ରାଉତ



ଗତ ଦୁଇ ଦୁଇଟି ସାଧାରଣ ନିର୍ବାଚନରେ ଅଭୂତପୂର୍ବ ଭାବେ ସାରା ଦେଶରେ ମୋଦି ସୁନାମୀରେ ଧରାଶାୟୀ ହୋଇ ମାଟି କାମୁଡ଼ି ଥିଲା ଦେଶର ସର୍ବପୁରାତନ ଦଳ କଂଗ୍ରେସ। ସେହିପରି ଓଡ଼ିଶାରେ ଅପ୍ରତ୍ୟାଶିତ ଭାବେ ନବୀନ ପଟ୍ଟନାୟକଙ୍କ ଫାଇଲିନ୍ ମାଡ଼ରେ ଅତି ଶୋଚନୀୟ ଅବସ୍ଥାକୁ ଚାଲିଯାଇଥିଲେ କଂଗ୍ରେସ ଓ ଭାଜପା। ନିର୍ବାଚନ ଫଳାଫଳରୁ ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡ଼ିଥିଲା ଯେ, ଲୋକେ ପୂର୍ବାପେକ୍ଷା ସଚେତନ ହୋଇଛନ୍ତି। ଭଲଭାବରେ ଚିନ୍ତା କରି ଦଳ ଓ ପ୍ରାର୍ଥୀଙ୍କୁ ବାଛିଛନ୍ତି। ଓଡ଼ିଶା ସଂପର୍କରେ ଏତିକି କୁହାଯାଇପାରେ ଯେ, ଭିତିରି କଥା ଯାହାହେଉ ନା କାହିଁକି, ରାଜ୍ୟର ବିକାଶ ଧାରା ଲୋକଙ୍କୁ ସନ୍ତୁଷ୍ଟ କରିଛି। ଯେଉଁଥିପାଇଁ ନବୀନଙ୍କ ନେତୃତ୍ୱ ସପକ୍ଷରେ ମିଳିଛି ଐତିହାସିକ ଜନାଦେଶ। ଏପରିକି ଗତ ନିର୍ବାଚନମାନଙ୍କରେ ମୋଦିଙ୍କ ପ୍ରଭାବ ଲୋକଙ୍କ ଉପରେ ଟିକେ ବି ପଡ଼ି ନ ଥିଲା। ଏପରିକି ନବୀନଙ୍କ ନେତୃତ୍ୱରେ ବିଜେଡ଼ି ସବୁ ନିର୍ବାଚନରେ ବ୍ୟାପକ ସଫଳତା ହାସଲ କରି ଆସୁଛି। ହୁଏତ ଏଭଳି ଐତିହାସିକ ଫଳାଫଳ ଏଇଥିପାଇଁ ଯେ, ସ୍ୱାଧୀନତା ପରଠାରୁ ଓଡ଼ିଶା ସଂପୂର୍ଣ୍ଣ ଅବହେଳିତ ଅବସ୍ଥାରେ ଥିଲା। ନବୀନବାବୁ ଓଡ଼ିଶା ଶାସନ ଡ଼ୋରି ଧରିବା ପରଠାରୁ ଓଡ଼ିଶାରେ ବିକାଶ ଧାରା ଆରମ୍ଭ ହୋଇଛି।

ଓଡ଼ିଶାର ମାଟି ତଳେ ପ୍ରଚୁର ଖଣିଜ ସଂପଦ ଭରି ରହିଛି। ପ୍ରାକୃତିକ ଦୃଶ୍ୟରାଜିରେ ଭରା ଓଡ଼ିଶା ଦେଶ ବିଦେଶରେ ଏକ ମନୋରମ ରାଜ୍ୟ ଭାବେ ପରିଚିତ। ରାଜ୍ୟରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଭାଷା-ସାହିତ୍ୟ ଦେଶ ବିଦେଶରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ଓଡ଼ିଆଙ୍କର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ସାରା ବିଶ୍ୱରେ ଖ୍ୟାତ। ଓଡ଼ିଶା ମନ୍ଦିରମାଳିନୀ ରାଜ୍ୟଭାବେ ସର୍ବବିଦିତ। କଠିନ ପରିଶ୍ରମ କରିବାରେ ମଧ୍ୟ ଓଡ଼ିଆ ଅନ୍ୟ ରାଜ୍ୟବାସୀଙ୍କ ତୁଳନାରେ କିଛି କମ୍ ନୁହଁନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଭାରତରେ ଗଚ୍ଛିତ ମୋଟ କ୍ରୋମାଇଟ୍ ମଧ୍ୟରୁ କେବଳ ଓଡ଼ିଶାରେ ୯୪.୪ ଶତକଡ଼ା ରହିଥିବା ବେଳେ ବକ୍ସାଇଟ୍ ୫୯.୫ ଶତକଡ଼ା, ଲୁହାପଥର ୩୨.୯ ଶତକଡ଼ା, ମାଙ୍ଗାନିଜ୍ ୬୭.୬ ଶତକଡ଼ା, କୋଇଲା ୨୪.୮ ଶତକଡ଼ା, ଗ୍ରାଫାଇଟ୍ ୭୧.୦ ଶତକଡ଼ା, ନିକେଲ୍ ୯୧.୮ ଶତକଡ଼ା, ଚାଇନା କ୍ଲେ ୩୧.୫ ଶତକଡ଼ା, ଡ଼ୋଲ୍ ମାଇଟ୍ ୧୭.୯ ଶତକଡ଼ା, ଫାୟାର୍ କ୍ଲେ ୨୫.୬ ଶତକଡ଼ା, ମିନେରାଲ୍ ସ୍ୟାଣ୍ଡସ ୩୦.୮ ଶତକଡ଼ା, ପିରୋଫାଇଲିଟ୍ ୬୫.୧ ଶତକଡ଼ା ଆଦି ବହୁ ଖଣିଜ ସଂପଦ ଭରି ରହିଛି। ରାଜ୍ୟରେ ୭୦ କୋଟି ଘନମିଟର ଭୂତଳ ଜଳ ଗଚ୍ଛିତ ରହିଛି, ଯାହା ଦେଶର ମୋଟ ଜଳ ସଂପଦର ୧୧ ଶତକଡ଼ା। ରାଜ୍ୟରେ ୭୯ ଲକ୍ଷ ହେକ୍ଟର କୃଷି ଉପଯୋଗୀ ଜମି ରହିଛି। ଏଥିରୁ ମାତ୍ର ୪୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ଓ ୧ ଲକ୍ଷ ୬୫ ହଜାର ହେକ୍ଟର ଜମିରେ ଅର୍ଥକାରୀ ଫସଲ ହେଉଛି। ଅନ୍ୟପକ୍ଷରେ ପ୍ରାୟ ୧୧.୫ ଲକ୍ଷ ହେକ୍ଟର ଚାଷ ଜମି ଜଳସେଚିତ ହୋଇଥିବାବେଳେ ବାକି ଜମି ଜଳସେଚିତ ହୋଇନାହିଁ। ତେବେ ପାଖାପାଖି ୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ସମ୍ଭବ ନୁହେଁ। ତଥାପି ଚାଷ ହୋଇପାରୁ ନ ଥିବା ଜମିକୁ ଉତ୍ପାଦନକ୍ଷମ କରାଯିବାର ଆବଶ୍ୟକତା ରହିଛି। ସେହିପରି ଆମ ରାଜ୍ୟରେ ଥିବା ୪୮୦ କି.ମି. ସୁଦୀର୍ଘ ମନୋରମ ସମୁଦ୍ର ଉପକୂଳ ଓ ଏସିଆ ମହାଦେଶର ସର୍ବ ବୃହତ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଗୌରବ ବହନ କରୁଛି। ବିଶ୍ୱ ବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ଦୁର୍ଲଭ ଅଲିଭ୍ ରିଡ଼୍‌ଲେ କଇଁଛମାନଙ୍କ ଏନ୍ତୁଡ଼ିଶାଳ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶାଳ ସାମୁଦ୍ରିକ ଅଭୟାରଣ୍ୟ, ହେନ୍ତାଳ ବଣ ଆଦି ଓଡ଼ିଶାର ଗର୍ବ ଓ ଗୌରବ। ହେଲେ ଦୁଃଖର କଥା, ଓଡ଼ିଶାରେ ସବୁକିଛି ଥିବା ସତ୍ତ୍ୱେ ଓଡ଼ିଶା ଦରିଦ୍ର ବୋଲି କୁହାଯାଇଆସୁଛି। ଏପରିକି ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ। ଓଡ଼ିଶାରେ ଦାରିଦ୍ର୍ୟର ଉତ୍ପାତ ସବୁଠୁ ବେଶୀ। ଅନାହାର, ଅର୍ଦ୍ଧାହାର ଓ ଅଳ୍ପାହାରରେ ବଞ୍ଚୁଥିବା ଲୋକଙ୍କ ସଂଖ୍ୟା ବହୁ ଅଧିକ। ଏଠାକାର ଅଧିକାଂଶ ଶିଶୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ପେଟକୁ ମୁଠାଏ ଦାନା ପାଇଁ ଓଡ଼ିଆର ଆର୍ତ୍ତ ଚିତ୍କାର ସାରା ଦେଶରେ ପ୍ରକମ୍ପିତ ହେଉଛି। ଓଡ଼ିଶାର ଅନାହାର ମୃତ୍ୟୁ ଖବର ବିଶ୍ୱବାସୀଙ୍କୁ ସ୍ତବ୍ଧ କରୁଛି। ଓଡ଼ିଶାରେ ଶିଶୁ ଓ ଗର୍ଭବତୀ ମାତୃ ମୃତ୍ୟୁହାର ସର୍ବାଧିକ...ଇତ୍ୟାଦି। ବାସ୍ତବତା ହେଲା, ଏହି ଅବସ୍ଥା ୨୦୦୦ ମସିହା ପର୍ଯ୍ୟନ୍ତ ବଳବତ୍ତର ଥିଲା। ଧୀରେ ଧୀରେ ପ୍ରଗତିର ଶିଢ଼ୀ ଚଢ଼ୁଛି ଓଡ଼ିଶା।

ପୂର୍ବରୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବା ରାଜ୍ୟ ନେତୃତ୍ୱର ଅପାରଗତା ଯୋଗୁ ରାଜ୍ୟରେ ଗଚ୍ଛିତ ବିଭିନ୍ନ ଖଣିଜ ସଂପଦର ଉପଯୁକ୍ତ ଉପଯୋଗ ହୋଇପାରୁ ନ ଥିଲା। ମଣିଷର ଅର୍ଥନୈତିକ ପ୍ରଗତି ଓ ସାମାଜିକ ଅବସ୍ଥାର ପରିବର୍ତ୍ତନ ପାଇଁ ସମସ୍ତ ପ୍ରାକୃତିକ ସଂପଦର ଉପଯୁକ୍ତ ଉପଯୋଗ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଚାଷ ବା କୃଷି ଉତ୍ପାଦନ ବୃଦ୍ଧି ଓ ରାଜନୈତିକ ଇଚ୍ଛାଶକ୍ତି ଏବଂ ଶିଳ୍ପ ପ୍ରସାରର ଆବଶ୍ୟକତା ରହିଥାଏ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ସ୍ୱାଧୀନତା ପରଠାରୁ ଓଡ଼ିଶା ବହୁ ଘାତ ପ୍ରତିଘାତ ଦେଇ ଗତି କରି ଆସିଛି। ମାତ୍ର କିଛିବର୍ଷ ତଳୁ ରାଜ୍ୟବାସୀ ଯାହା ପ୍ରଗତିର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। ଇତିମଧ୍ୟରେ ଓଡ଼ିଶା ବିକାଶଶୀଳ ରାଜ୍ୟରେ ପରିଣତ ହୋଇଥିବା ଅର୍ଥନୀତିଜ୍ଞ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ସ୍ୱୀକାର କରୁଛନ୍ତି। ଉଦାହରଣ ସ୍ୱରୂପ, ଆମ ରାଜ୍ୟରେ ଆମ ଖଣିଜ ସଂପଦର ଉପଯୁକ୍ତ ବିନିଯୋଗ ହୋଇପାରୁ ନ ଥିବାରୁ ଖୁବ୍ କମ୍ ମୂଲ୍ୟରେ ଆମ ଖଣିଜ ସଂପଦ ବାହାରକୁ ରପ୍ତାନୀ ହୋଇ ସେଠାରେ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଥିଲା। ମାତ୍ର ୨୦୦୦ ମସିହା ପରଠାରୁ ଓଡ଼ିଶାର ଭାଗ୍ୟରେଖା ଖୋଲିବା ପରେ କେତେକ ବୃହତ୍ କମ୍ପାନୀ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସିଥିଲେ ଓ ଆସୁଛନ୍ତି। କଳିଙ୍ଗନଗର ଶିଳ୍ପ ପ୍ରକଳ୍ପ ଭଳି ସାରା ରାଜ୍ୟରେ ବ୍ୟାପକ ଶିଳ୍ପ ପ୍ରସାର ଓଡ଼ିଶା ପ୍ରଗତିର ସ୍ପଷ୍ଟ ସୂଚନା। ଯଦିଓ କେତେକ କମ୍ପାନୀ ବିସ୍ଥାପିତ ପରିବାରମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇନାହାଁନ୍ତି ତଥା ଥଇଥାନ କରିନାହାଁନ୍ତି, ତଥାପି ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ଯୋଗୁ ରାଜ୍ୟ ପ୍ରଗତି ପଥରେ ଆଗେଇଥିବା ସ୍ୱୀକାରଯୋଗ୍ୟ। ରାଜ୍ୟର ଉପକୂଳରେ ଗୋଟିଏ ପରେ ଗୋଟିଏ ବନ୍ଦର ପ୍ରତିଷ୍ଠା, ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବିକାଶ, କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ, ରାସ୍ତାଘାଟର ନବୀକରଣ-ନିର୍ମାଣ, ଟଙ୍କିକିଆ ଚାଉଳ ଯୋଗାଣ ଭଳି ବହୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ, ସେତୁ ନିର୍ମାଣ ଭଳି ଗମନାଗମନର ଅଭୂତପୂର୍ବ ବିକାଶ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ବିଭିନ୍ନ ସନ୍ତୋଷଜନକ ପଦକ୍ଷେପ, ଆଇନକାନୁନ୍ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଉନ୍ନତି ପାଇଁ ବିଭିନ୍ନ ଅଭିନବ ଯୋଜନା ଓଡ଼ିଶା ବିକାଶର ପଥ ପରିଷ୍କାର କରିଦେଇଛି। ତେବେ ସାଧାରଣ ଲୋକଙ୍କ ଦୃଷ୍ଟିରେ ଏହା ସମ୍ଭବ ହୋଇଛି ପ୍ରବଳ ରାଜନୈତିକ ଇଚ୍ଛାଶକ୍ତି ଓ ରାଜ୍ୟ ନେତୃତ୍ୱର ନିଷ୍ଠାପର ଉଦ୍ୟମ ଯୋଗୁ, ଯେଉଁଥିପାଇଁ ଲଗାତାର ସମସ୍ତ ନିର୍ବାଚନରେ ସାରା ଓଡ଼ିଶାକୁ ଶଙ୍ଖ ଧ୍ୱନିରେ ମୁଖରିତ କରି ଇତିହାସ ରଚି ଚାଲିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ଆହୁରି ସୁଖର କଥା ହେଲା, ରାଜ୍ୟରେ ଦ୍ରୁତ ହ୍ରାସ ପାଇ ଚାଲିଛି ଦାରିଦ୍ର୍ୟର ହାର। ୧୯୯୯-୨୦୦୦ ମସିହାରେ ରାଜ୍ୟରେ ୫୫.୦୩ ଶତକଡ଼ା ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବାବେଳେ ବର୍ତ୍ତମାନ ୩୦.୦୨ ଶତକଡ଼ା ରହିଥିବା କୁହାଯାଉଛି। ଅବଶ୍ୟ ଏନ୍ତୁଡ଼ିଶାଳରୁ ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ବିଭିନ୍ନ ଯୋଜନା ଘୋଷଣା ସାଧାରଣ ଲୋକଙ୍କୁ ମୁଗ୍ଧ କରିଛି। ଏପରିକି ରାଜ୍ୟର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ନବୀନବାବୁଙ୍କ କାର୍ଯ୍ୟ ଓ ପଦକ୍ଷେପ ରାଜ୍ୟବାସୀଙ୍କୁ ଖୁବ୍ ଭଲ ଲାଗିଛି। ସରକାରଙ୍କ ସବୁ ଜନହିତକର ଯୋଜନା, ଘୋଷଣା, ପଦକ୍ଷେପ, ନିଷ୍ପତ୍ତି ଆଦି ସଫଳତା ଦିଗରେ କାର୍ଯ୍ୟକାରୀ ହୋଇ ଚାଲିଛି। ତେବେ ଏହା ସତ୍ୟ ଯେ, ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଅଧିକ ବିକଶିତ ହୋଇପାରିଛି। ତଥାପି ଆମ ରାଜ୍ୟରେ ଦାରିଦ୍ର୍ୟର ମୂଳୋତ୍ପାଟନ ସହ ମୁଣ୍ଡପିଛା ଆୟ ବୃଦ୍ଧିର ଆବଶ୍ୟକତା ରହିଛି। ଆମ ରାଜ୍ୟରେ ଦାଦନ ସମସ୍ୟା ସରକାର ସମାଧାନ କରିବା ଉଚିତ।

ଭଲ-ମନ୍ଦ, ଆଗ-ପଛ ବିଚାର ନ କରି ରାଜ୍ୟବାସୀ ନବୀନଙ୍କ କାନ୍ଧରେ ବାରମ୍ବାର ଦାୟିତ୍ୱର ନୂଆ ବୋଝ ଲଦିଛନ୍ତି। ଆଉ ନବୀନବାବୁ ଲୋକଙ୍କୁ ଯେଉଁ ଭରସା ଦେଉଛନ୍ତି, ତାହା ସାକାର କରିବାକୁ ମଧ୍ୟ ନବୀନବାବୁ ଉଦ୍ୟମ କରୁଛନ୍ତି। ମୁଖ୍ୟତଃ ସ୍ୱଚ୍ଛ, ଦୁର୍ନୀତିମୁକ୍ତ, ସମ୍ବେଦନଶୀଳ, ଉତ୍ତରଦାୟୀ ଓ ଦକ୍ଷ ଶାସନର ଯେଉଁ ପ୍ରତିଶ୍ରୁତି ଦିଆଯାଇଛି, ତାହା ପୂରଣ ହେବାରେ ଲାଗିଛି। ଦାରିଦ୍ର୍ୟ ଦୂରୀକରଣ ଓ କ୍ଷୁଧାମୁକ୍ତି, ବେକାରୀ ଦୂରୀକରଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟି, ଶିକ୍ଷାର ପ୍ରସାର, ସଂକ୍ରାମକ ଓ ମାରାତ୍ମକ ରୋଗ ନିୟନ୍ତ୍ରଣ, ସବୁ ଗାଁକୁ ରାସ୍ତା, ବିଜୁଳି, ପାନୀୟ, ସଂଚାର ସେବା ସୁବିଧା, କୃଷି ଓ କୃଷକର ଉନ୍ନତି, ଆଇନଶୃଙ୍ଖଳା ବ୍ୟବସ୍ଥାରେ ଉନ୍ନତି ବା ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଉପଯୁକ୍ତ ପଦକ୍ଷେପ, ପର୍ଯ୍ୟଟନ ଶିଳ୍ପର ବିକାଶ, ଦୁର୍ନୀତିର ମୂଳୋତ୍ପାଟନ, ସାଧାରଣ ଲୋକଙ୍କ ସମସ୍ୟା ସମାଧାନରେ ଅଗ୍ରାଧିକାର ଓ ସରକାରୀ ଅଧିକାରୀ/କର୍ମଚାରୀଙ୍କୁ ନିୟନ୍ତ୍ରଣ ବା ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ସର୍ବୋପରି ସୁସ୍ଥ ଗଣତନ୍ତ୍ର ସୃଷ୍ଟି ତଥା ମୁଣ୍ଡପିଛା ଆୟ ବୃଦ୍ଧି ବିକଶିତ ରାଷ୍ଟ୍ର ବା ରାଜ୍ୟର ସଂଜ୍ଞା। ଏହା ମଧ୍ୟ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ଥିଲା। ଆଉ ଏବେ ନବୀନବାବୁ ଓ ତାଙ୍କର ପ୍ରଶାସନ ବିଜୁବାବୁଙ୍କ ସ୍ୱପ୍ନ ସାକାର କରିବା ପାଇଁ ବଦ୍ଧପରିକର ହେବା ଉଚିତ।

-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,
ମୋ- ୯୩୩୭୩୬୯୪୪୮

# ଚାଷୀ-ଏକ ମୁକୁଟବିହୀନ ସମ୍ରାଟ



ସତେଜ ସକାଳ-୧୫

ଡି. ଶୁଭମ୍

ସମସ୍ତେ ଅନେକ କଥା ଦେଖନ୍ତି, ଅନେକ କଥା ଶିଖନ୍ତି। କିନ୍ତୁ ସେସବୁକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିବାର ଦୃଷ୍ଟାନ୍ତ ବହୁତ କମ୍। ଚାଷ ବିଷୟରେ କାହାକୁ ବା ଅଜଣା । ସମସ୍ତେ ଚାଷ କ'ଣ, ଚାଷ କେମିତି ହୁଏ ଜାଣିଛନ୍ତି। କିନ୍ତୁ କେହି କେବେ ସେ କାମ କରିବାକୁ ଆଗ୍ରହ ପ୍ରକାଶ କରନ୍ତିନି। ନିଛକ ସତ କଥାଟି ହେଲା, ଏସି ରୁମ୍ ଚେୟାର ଟେବୁଲ ଛାଡ଼ି ଏ ବିଲବାଡ଼ି କାମ କିଏ ବା କରିବ! ସକାଳ ୧୦ଟା ବାଜିଲେ ଅଫିସ ଯାଅ ଆଉ ସଂଧ୍ୟା ହେଲେ ପାର୍କ ଆଉ ସିନେମା। ଏ କାଦୁଅ ବିଲକୁ ଆମେ ବା କାହିଁକି ଯିବୁ! ଯିଏ ତ' କରିବା କଥା କରୁଛି, ଆମେ ବଜାର ଯିବୁ, କିଣିବୁ ଖାଇବୁ। ଏ ହେଉଛି ଏବେକାର ସମାଜର ଜ୍ୱଳନ୍ତ ପ୍ରତିଛବି। ଆମେ ନ ମାନିଲେ ବି ଏହା ସତ୍ୟ।

ଶ୍ୟାମଳ ସୁବର୍ଣ୍ଣ ୨୦୧୮ ମସିହାରେ ଯେବେ ଆରମ୍ଭ କରିବାର ଚେଷ୍ଟା କରିଥିଲି, ସେବେ ଚାଷ କ'ଣ ଜାଣି ନ ଥିଲି, କେବଳ କ୍ଲାସରୁମର ଶିକ୍ଷା ଭିତରେ ସୀମିତ ଥିଲି। ନା କୌଣସି ଚାଷୀଙ୍କ ସହ ମିଶିଥିଲି ନା ସେ ଚାଷର ଗହନ କଥାକୁ ବୁଝିଥିଲି। ପରବର୍ତ୍ତୀ ସମୟରେ ଅନେକ ଗାଁକୁ ଗଲି, ଚାଷୀଙ୍କ ସହ ମିଶିଲି। ସେମାନଙ୍କ ସହ କ୍ଷେତରେ ସମୟ ବି କାଟିଲି। ସେବେ ଜାଣିଲି ଏ କୁଶଳୀ କାରିଗରମାନଙ୍କ ମହନୀୟତା ବିଷୟରେ। ପତ୍ରିକାରେ ସବୁ ସଂଖ୍ୟାରେ ସେଥିପାଇଁ କେବଳ କୃଷିଭିତ୍ତିକ ତଥ୍ୟକୁ ସ୍ଥାନ ଦେବାକୁ ଚେଷ୍ଟା କରିଛି। ତେବେ ଏ ଭିତରେ ଚାଷୀଙ୍କ ସହ ମିଶି ସେମାନଙ୍କ ଚାଷ ପ୍ରତି ଆଗ୍ରହ ହେଉ କିମ୍ବା ସେମାନଙ୍କ କାର୍ଯ୍ୟଦକ୍ଷତା ଓ ନିପୁଣତା ବିଷୟରେ ଅନେକ କିଛି ଜାଣିବାକୁ ପାଇଲି।

୨୦୨୦ ମାର୍ଚ୍ଚରୁ ଏବେ ଯାଏଁ ଗୋଟିଏ ଶବ୍ଦ ଯାହା ଆମ ଭିତରେ ଭୟ ସଂଚାର କରିଚାଲିଛି, ସେ ହେଉଛି କରୋନା। ଆଶା ଓ ଆଶଙ୍କାର ଆବରଣରେ ବାନ୍ଧି ହୋଇଯାଇଛନ୍ତି ଜନସାଧାରଣ। ଗୋଟେ ସମୟରେ ସାରା ଭାରତ ଏକପ୍ରକାର ତାଲାବନ୍ଦ ଅବସ୍ଥାରେ ଥିଲା। ଜନଜୀବନ ସ୍ତବ୍ଧ। ସବୁଆଡ଼େ ଖାଁ ଖାଁ। ଏହି ତାଲାବନ୍ଦ ଯୋଗୁଁ ଗରିବ, ଖଟିଖିଆଙ୍କର କାମଦାମ ଏକପ୍ରକାର ବନ୍ଦ ହୋଇଯାଇଥିଲା। ତେବେ ଏହାରି ଭିତରେ ଥକିପଡ଼ିନାହିଁ ଚାଷୀ। କାହିଁକି ନା ଯଦି ସେ ବସିପଡ଼ିବ, ଥକିପଡ଼ିବ ତାହାହେଲେ ଦି'ଓଳି ଦାନା ଦି'ମୁଠା ପେଟକୁ ଯିବା ସ୍ୱପ୍ନ ହୋଇଯିବ। ସେ ଛୁଟି କ'ଣ ଜାଣିନି। ସେ ଥକ୍କାପଣ କ'ଣ ଜାଣିନି। ସେ ଜାଣିନି ମଉଜମଜିଲିସର ମହକ। କେବଳ ଏତିକି ଜାଣିଛି ସେ ଚଷାଘର ପୁଅ। ଖଟିଲେ ଖାଇବ। ଚାଷ କଲେ ଦୁନିଆ ଚଳିବ। ସବୁଲୋକଙ୍କ ମୁହଁରେ ଖାଦ୍ୟ ଦେବା ପାଇଁ ସେ ଅବିରତ ସଂଗ୍ରାମ କରିଚାଲେ। ସଂଘର୍ଷକୁ ଆଦରି ବେଶ ଖୁସିରେ ନିଜ କର୍ମ ସମ୍ପାଦନ କରେ। ସେଇଥିପାଇଁ ତ' ସେ ମହାନ।

୧୯୯୯ର ମହାବାତ୍ୟା ହେଉ, ହୁଡ଼ହୁଡ଼, ତିତଲି, ଫନି ପରି ବାତ୍ୟାର ବିଭୀଷିକା ହେଉ କି ଚକଡ଼ା ପୋକର ବିତ୍ପାତ ହେଉ, ଏ ସବୁଥିରେ ବେଶ ସୁଦୃଢ଼ ମନୋବଳ ସହ ଚାଷୀ ଏହାକୁ ସାମ୍ନା କରିଛି, ମୁକାବିଲା ବି କରିଛି ଆଉ ଅ□ା ସଳଖି ଠିଆ ହୋଇଛି। ଯେଉଁ ବାତ୍ୟା ଦିନେ ଚାଷଜମିକୁ ବିପର୍ଯ୍ୟସ୍ତ କରିଥିଲା, ପୁଣି ସେ କ୍ଷେତରେ ଫରଫର ହେଇ ଧାନକେଣ୍ଡା ହସିଛି, ପୁଣି ସୋରିଷର ମହମହ ବାସ୍ନା ସାଙ୍ଗକୁ ହଳଦୀର ଆବରଣରେ ପରିବେଶ ବି ମୁଗ୍ଧ ହୋଇଛି। କିନ୍ତୁ ଚାଷୀ କେବେ ବସିନି। ଚାଷୀ ମନଦୁଃଖ କରିଛି, ଅନୁତାପ କରିଛି କିନ୍ତୁ ନିଜ କର୍ତ୍ତବ୍ୟପଥରୁ ବିଚ୍ୟୁତ ହୋଇନାହିଁ। ସେ ସୃଷ୍ଟି କରିଛି ଆଦର୍ଶ ଓ ବାସ୍ତବତାର ନୂଆ ଏକ ରୂପରେଖ। ସେ କାଦୁଅ ବିଲରେ ପଶେ; କିନ୍ତୁ ଶେଷରେ ସୁବର୍ଣ୍ଣର ମାହୋଲ ବି ରଚନା କରିଦିଏ। ଏଇ କରୋନାର ଭୟାବହତା ଆଉ ଡର ଭିତରେ ସମସ୍ତେ ଆମେ ଘରେ ସୁରକ୍ଷିତ ରହୁଛନ୍ତି ସତ; କିନ୍ତୁ ଚାଷୀର ମନ ସେଇ ଚାଷଜମିରେ। ସେ ପରା ତା'ର ମାନସ-ସନ୍ତାନ। ଦିହେଁ ଦୁହିଁଙ୍କୁ ଛାଡ଼ି କେମିତି ବି ରହିବେ! ବର୍ଷ ବର୍ଷ ଧରି ଏଇ ଅତୁଟ ସମ୍ପର୍କକୁ ଯିଏ ଛିନ୍ନ କରିପାରିନି, ଏ ଭୟାବହତା କ'ଣ ବା କରିବ! ଆଜି ବି ଚାଷୀ ଚାଷଜମିରେ ବେଶ ଖୁସିରେ ଚାଷ କରୁଛି। ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରୁଛି।

ଧାନ ଓଡ଼ିଶାର ମୁଖ୍ୟ ଫସଲ। ଓଡ଼ିଶାର ଅର୍ଦ୍ଧେକାଂଶ ଚାଷୀ ଧାନ ଉପରେ ନିର୍ଭରଶୀଳ। ଏବେ ଖରିଫ ଋତୁରେ ଧାନ ଚାଷ ହେବ। ବିହନ ବୁଣା ଆରମ୍ଭ ହେବ। ତଳି ପଡ଼ିବ। ରୁଆ ହେବ। ଏମିତି ଅନେକ କିଛି କଥା। ଏଇ କିଛିଦିନ ତଳେ ସମସ୍ତେ ମାତୃଦିବସ ପାଳନ କଲେ, ମା'ର ଅବଦାନକୁ ସ୍ମରଣ କରିବା ପାଇଁ ଏଇ ଦିନଟିକୁ ସମସ୍ତେ ବେଶ ଖୁସିରେ ମନେଇଲେ। ସୋସିଆଲ ମିଡ଼ିଆରେ ମା'ଙ୍କ ପାଇଁ ବେଶ ଶିକ୍ଷଣୀୟ ବାର୍ତ୍ତା ବି ଦେଖିବାକୁ ମିଳିଲା। ଏଇସବୁ ଭିତରେ ମୁଁ ସେମିତି ଜଣେ ଚାଷୀଙ୍କୁ ଭେଟିଥିଲି ଯିଏ ନିଜ ମା'ଙ୍କ ଆଦର୍ଶକୁ ଗ୍ରହଣ କରି ଚାଷ କରିବାକୁ ଆଗ୍ରହ ପ୍ରକାଶ କଲେ। ସବୁଥିରେ ପାରଙ୍ଗମ। ସୁନ୍ଦରଗଡ଼ ଜିଲ୍ଲାର ସୁକାନ୍ତି ଭିତିରିଆ। ମା'ଙ୍କ ଉପରେ ମୁଁ ତାଙ୍କୁ କିଛି ପ୍ରଶ୍ନ କରିବା ପୂର୍ବରୁ ସେ ବେଶ ଚମତ୍କାର ଭାବରେ ପ୍ରଥମ ଧାଡ଼ି କହିଗଲେ- ମୋ ମା' ମୋ ପାଇଁ ସବୁକିଛି । ଆଜି ମୁଁ ଯାହା ବି ହେଇଛି ସବୁ ମୋ ମା' ପାଇଁ। ଜଣେ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ହୋଇ ଘରେ ସୃଷ୍ଟି କରିଛନ୍ତି ପାକଶାଳା ବଗିଚାର ମାହୋଲ। ପାକଶାଳା ବଗିଚା ଏବେ ଏକ ଲୋକପ୍ରିୟ ସହରାଂଚଳ କୃଷିର ଉଦାହରଣ। ତେବେ କଥାଛଳରେ ସେ ବଖାଣିବସିଲେ ପରିବାରର କଥା। ଆଉ ମୁଁ ବୁଝିପାରିଲି ଜଣେ କେବଳ ଚାଷ ଶିଖିଲେ ଯେ ଚାଷ କରିପାରିବ, ସେ କଥା ନୁହେଁ। ଚାଷ ପାଇଁ ଦରକାର ଦୃଢ଼ ମନୋବଳ ଆଉ କଠିନ ଇଚ୍ଛାଶକ୍ତି। ଯାହା ତାଙ୍କ ମା' ହିଁ ଆରମ୍ଭ କରିଥିଲେ। ଆଉ ଆଜି ତାଙ୍କ ମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବି ସୃଷ୍ଟି କରିଛନ୍ତି ଉଦ୍ୟାନ କୃଷିର ବେଶ କିଛି ନୂଆ ଢାଂଚା।

ସେଇଠାରୁ ବୁଝିଗଲି ଚାଷୀର ସଂଜ୍ଞା ପାଇବା ସତରେ ବଡ଼ କଷ୍ଟ। ଆମେ ତିନି ଚାରି ଘ□ା କ୍ଷେତକୁ ଗଲେ ହାତ ଦରଜ ହୋଇ ଦୁଇଦିନ ଆରାମ କରୁଥିବା ବେଳେ ସେ ଦିନରୁ ରାତିଯାଏଁ ବେଶ ଆନନ୍ଦରେ ନିଜ କାମକୁ ଉପଭୋଗ କରେ। ସତେ ଯେମିତି ଏ ମାଟିର ସବୁ କଣିକାକୁ ସେ ବେଶ ଭଲ ଭାବରେ ଚିହ୍ନିଯାଇଛି।

-କୃଷି ସ୍ନାତକୋତ୍ତର(ମୃତ୍ତିକା ବିଜ୍ଞାନ), ସୋଆ,
ଭୁବନେଶ୍ୱର, ମୋ-୯୪୩୮୪୬୭୦୭୯

# ସମାଜ ଜୀବନ ଓ ଆଧ୍ୟାତ୍ମିକତା



ମାନବଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର। ମାନବଜାତିର କଲ୍ୟାଣ ପାଇଁ ସେ ବହୁ ଉପଦେଶ ଦେଇଯାଇଛନ୍ତି। ମଣିଷର ଜୀବନ ଈଶ୍ୱର ଓ ଅନ୍ୟମାନଙ୍କ ସେବା ଲାଗି ଉଦ୍ଦିଷ୍ଟ ବୋଲି ସେ କହୁଥିଲେ। ସମାଜ ସେବାରେ ହିଁ ମଣିଷ ଜୀବନର ସାର୍ଥକତା। ବୃକ୍ଷଲତା, ପଶୁପକ୍ଷୀ ଆଦି ସହଜାତ ଭାବେ କେବଳ ନିଜ ପାଇଁ ଜୀବନଧାରଣ କରନ୍ତି। ତଥାପି ମଣିଷ ସେମାନଙ୍କ ଦ୍ୱାରା ଉପକୃତ ହୁଏ। ନିଜ ଅଜାଣତରେ ସେମାନେ ମଣିଷର ଉପକାର କରିଥାଆନ୍ତି। ମଣିଷ ସ୍ଥାନ ସେମାନଙ୍କଠାରୁ ଉପରେ। ସେବା ପାଇଁ ମଣିଷର ଜନ୍ମ। ତେବେ ଆଜିର ମଣିଷ ନିଜର କର୍ତବ୍ୟ ଦଗରେ ସଚେତନ ନୁହେଁ। ଅହଂଭାବ, ସ୍ୱାର୍ଥପରତା ଆଦି ଯୋଗୁଁ ଆଜି ଆମେ ବସୁଧୈବ କୁଟୁମ୍ବକମ୍ ଆଦର୍ଶକୁ ଭୁଲିଗଲେଣି। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଧ୍ୟାତ୍ମିକ ମାର୍ଗଦର୍ଶନ କରି କହିଛନ୍ତି- 'ଯାହା ବୃଦ୍ଧି ପ୍ରାପ୍ତ ହୋଇ ଯାହାକିଛି ହୋଇ ମଧ୍ୟ ତାହା ହିଁ ରହିଛି - ତାହା ହିଁ ବ୍ରହ୍ମ। ଜଗତର ସମସ୍ତ ଐଶ୍ୱର୍ଯ୍ୟ ଜାଣିବା, ଭଲ ପାଇବା ଓ କର୍ମ - ଯାହାଙ୍କ ଭିତରେ ସହଜ - ଉତ୍ସାରିତ, ଆଉ ଯାହାଙ୍କ ପ୍ରତି ଆସକ୍ତିରେ ମଣିଷର ବିଚ୍ଛିନ୍ନ ଜୀବନ ଓ ଜଗତର ସମସ୍ତ ବିରୋଧର ଚରମ ସମାଧାନ ଲାଭହୁଏ - ସେ ହିଁ ମଣିଷର ଭଗବାନ। ଭଗବାନଙ୍କୁ ଜାଣିବା ମାନେ ହିଁ ସମସ୍ତଟାକୁ ବୁଝିବା ବା ଜାଣିବା।' ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର କହିଛନ୍ତି, ଅର୍ଥ, ମାନ, ଯଶ ଆଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ। ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ, କେହି ତୁମର କେନ୍ଦ୍ର ନୁହଁନ୍ତି। ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ। ବନ୍ଧୁ ଅସତ୍ ହେଲେ ବି ତ୍ୟାଗ କରନାହିଁ। ଅନ୍ତରରେ ଶ୍ରଦ୍ଧା ରଖି ବିପଦଆପଦ ବେଳେ କାୟୋମନୋବାକ୍ୟରେ ସାହାଯ୍ୟ କର, ଆଉ ସେ ଅନୁତପ୍ତ ହେଲେ ଆଲିଙ୍ଗନ କର। ଶ୍ରୀ ଶ୍ରୀ ଠାକୁର ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। କାରଣ ସମସ୍ତେ ପରମାତ୍ମାଙ୍କ ସତ୍ତାର ଅଂଶ। ତେଣୁ ସମସ୍ତେ ସମସ୍ତଙ୍କୁ ଭଲପାଇବା ଉଚିତ। ଏହା ଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠିତ ହେବ। ଧରାପୃଷ୍ଠରେ କରୁଣାମୟ ପୁରୁଷୋତ୍ତମ ପୂତ ଆର୍ଯ୍ୟ ଭୂମି ଭାରତବର୍ଷରେ ଆବିର୍ଭାବ ହୋଇ ନିଃସ୍ତ୍ରାଣକୁ ପ୍ରାଣନଶୀଳ, ଦୁଷ୍ଟକୁ ଶିଷ୍ଟ, ନିକୃଷ୍ଟକୁ ଉତ୍କୃଷ୍ଟ, ଅଖ୍ୟାତକୁ ବିଖ୍ୟାତ, ପଙ୍ଗୁକୁ ଗିରିଲଙ୍ଘନ, ଦଗ୍ଧ ପ୍ରାଣକୁ ସ୍ନିଗ୍ଧ, ମୂର୍ଖକୁ ଜ୍ଞାନୀ, ଦୁରାତ୍ମାକୁ ଧର୍ମାତ୍ମା ଓ ସତ୍ତାକୁ ସଚ୍ଚିଦାନନ୍ଦମୟ କରି ତୋଳି ବିଶ୍ୱ ବକ୍ଷରେ ଏକ ଅଭିନବ ଲୀଳା ରଚନା କରିଛନ୍ତି। ଯୁଗେ ଯୁଗେ ବିଶ୍ୱସତ୍ତାକୂଳର ପରମ ଉଦ୍ଧାତା ବିଶ୍ୱବରେଣ୍ୟ ପ୍ରିୟ ପରମ ପୁରୁଷୋତ୍ତମ ତାଙ୍କର ଅଭିନବ ଲୀଳା ରଚନା କରି ସୃଷ୍ଟି ରହସ୍ୟ ଉଦ୍‌ଘାଟନ କରାଇବା ପାଇଁ ନର ତନୁରେ ଆଗମନୀ ବାର୍ତ୍ତା ନେଇ ମାଟିର ପୃଥିବୀକୁ ଓହ୍ଲାଇ ଆସନ୍ତି, ମାଟିର ମଣିଷଟିଏ ହୋଇ। ସେଇ ଭାଗ୍ୟ ବିଧାତା କରୁଣାମୟ ପୁରୁଷୋତ୍ତମ ଏହି ଧରାପୃଷ୍ଠରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନାମ ବହନ କରି ୧୮୮୮ ମସିହା ଏହି ପୂତ ଆର୍ଯ୍ୟ ଭୂମି ଭାରତବର୍ଷରେ ଆବିର୍ଭାବ ହୋଇ ନିଃସ୍ତ୍ରାଣକୁ ପ୍ରାଣନଶୀଳ, ଦୁଷ୍ଟକୁ ଶିଷ୍ଟ, ନିକୃଷ୍ଟକୁ ଉତ୍କୃଷ୍ଟ, ଅଖ୍ୟାତକୁ ବିଖ୍ୟାତ, ପଙ୍ଗୁକୁ ଗିରିଲଙ୍ଘନ, ଦଗ୍ଧ ପ୍ରାଣକୁ ସ୍ନିଗ୍ଧ, ମୂର୍ଖକୁ ଜ୍ଞାନୀ, ଦୁରାତ୍ମାକୁ ଧର୍ମାତ୍ମା ଓ ସତ୍ତାକୁ ସଚ୍ଚିଦାନନ୍ଦମୟ କରି ତୋଳି ବିଶ୍ୱ ବକ୍ଷରେ ଏକ ଅଭିନବ ଲୀଳା ରଚନା କରିଛନ୍ତି।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ସହ-ପ୍ରତି ଋତ୍ୱିକ, ବିଭାଗୀୟ ମୁଖ୍ୟ ହେପାଟୋଲୋଜି ବିଭାଗ, କଟକ ବଡ଼ମେଡ଼ିକାଲ, ଦୂରଭାଷ : ୯୪୩୭୦୫୧୯୫୭




# ଜାତୀୟ ରେଡକ୍ରସରେ ଓଡିଶା ରେଡକ୍ରସର ବିରଳ କୃତିତ୍ୱ

ଭୁବନେଶ୍ୱର, (ପିଏନ);- ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ । ସୁଶ୍ରୀ ସିଟିଏମ. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ




ରେଡକ୍ରସ ସୋସାଇଟିର ସହଯୋଗକୁ ବର୍ଣ୍ଣନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଗୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି । ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନୀତ ହୋଇଛି । ଏତତ୍ ବ୍ୟତିତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି ସମସ୍ତ ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀମାନଙ୍କୁଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, ସାଧୁବାଦ ଜଣାଇଛନ୍ତି ।

# ବଲାଙ୍ଗିର କଳାକାର ସଂଘର ନୂଆଖାଇ ଭେଟଘାଟ ଅନୁଷ୍ଠିତ

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ଟାଉନ ହଲ୍ ଠାରେ ବଲାଙ୍ଗିର କଳାକାର ସଂଘ ତରଫରୁ ନୂଆଁଖାଇ ଭେଟ୍ ଘାଟ୍ ଅନୁଷ୍ଠିତ ହୋଇଯାଇଛି । ସଭାପତି ଟିଁଶୁରାଜ ସାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ବିଶିଷ୍ଟ ଅତିଥି ଭାବେ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଗୋପାଳ ପ୍ରଧାନ, ସମାଜସେବୀ ଶମ୍ଭୁ ନାଗ, କଣ୍ଠଶିଳ୍ପୀ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, କଂସ ଭୂମିକାରେ ଅଭିନୀତ ରାଧାକାନ୍ତ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ସାହୁ ନିଜ ବକ୍ତବ୍ୟରେ କଳାକାର ବଞ୍ଚିଲେ କଳା ବଞ୍ଚିବ, ତେଣୁ କଳାକାରମାନଙ୍କୁ ବଞ୍ଚାଇବା ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ସଙ୍ଗୀତକାର ସ୍ୱର୍ଗତ ଶ୍ରୀରାମ ଲୁହାଙ୍କ ସ୍ମୃତିରେ ଗଠିତ କଳାକାର ସଂଘର ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ଜିତୁ କୁମ୍ଭାର, ଦିଲୀପ ଦୀପ, ଟିଁକୁରାଜ ନନ୍ଦ, ବିଶିକେଶନ ନାଗ, ଜନ୍ମ ବାରିକ, ସୁଷମିକା ବେହେରା, ରଶ୍ମୀତା ସାହୁ, ମକରନ୍ଦ ସାହୁ, କ୍ଷୀରୋଦ୍ର ବରିହା, ଅଞ୍ଜନ କୁମ୍ଭାର, ରାଜୁ ନନ୍ଦ, ବ୍ରହ୍ମାନନ୍ଦ ବନଛୋର, ଅର୍ଜୁନ ମୁଗ୍ରୀ, ବାସୁଦେବ ପଧାନ, ବିକାଶ ଷଡଙ୍ଗୀ, ଇଂ ରାମଚନ୍ଦ୍ର ମୁର୍ମୁ, ସମାଜସେବୀ ଶୁଭ୍ରାଂଶୁ ପଣ୍ଡା, ଢାପ ନୃତ୍ୟ ପରିବେଷଣ ପାଇଁ ସୁଦର୍ଶନ ଦୀପ, ମା' ମାହେଶ୍ୱରୀ ଲାଇଟ ଏଣ୍ଡ ସାଉଣ୍ଡ, ଦୀପା ଟେଷ୍ଟ ହାଉସ୍, ୟୁଥ ବ୍ଲଡ ଡୋନର ଗ୍ରୁପ, ବାସନ୍ତୀ ନନ୍ଦ, ନବ ସାହୁ, ବିକାଶ ସାହୁ, ସୁରେନ୍ଦ୍ର ସା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାନ ବଡ ଓ ସାଥିଙ୍କ ଘୁଡୁକା ନୃତ୍ୟ, ରାଧାକାନ୍ତ ନାଏକଙ୍କ କଂସ ଦରବାର, ଆଞ୍ଚଳିକ ଗୀତରେ ସରୋଜ ନାଏକ, ଶିବା ବରିହା, ଦିବାନ ନନ୍ଦ, ସୁମିତ ସୁନା, ମୁନମୁନ୍ ଚନ୍ଦନ, କୁନମୁନ୍ ଚନ୍ଦନ, ସାନ କୁମ୍ଭାର, ସନ୍ତୋଷ ନନ୍ଦ, ଦିଲୁ, ପ୍ରକାଶ ହିଆଲ, ସଚ୍ଚିଦାନନ୍ଦ ବିଶ୍ୱାଲ, ମୁନା ବିଶ୍ୱାଲ, ବିକାଶ ବାଗ, କ୍ଷୀର ନାଗ, ଲମ୍ବୋଧର ନାଏକ, ହିମାଂଶୁ ପଧାନ, ବରୁଣ ବାଗ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସେହିପରି ମହିଳା ବର୍ଗରେ ଅଷ୍ଟମୀ ନାଗ, ରାଶେଶ୍ୱରୀ ଚାନ୍ଦିଆ, ଡଲି ବାଗ, ଦିବ୍ୟାରାଣୀ ବିଶି, ନିତାଞ୍ଜଳି ପୋଢ, ଶିକା ଚନ୍ଦନ, ରୋଲୀପ୍ରଭା ସେଠ, ମିକି ମନହୀରା, ଶ୍ୱେତାମୟୀ ସେଠ, ଫିଜା ବଛା, ମିଲି ବାରିକ, ରୀମା ବାଗ, ମିନତୀ ରାଓ, ସାଇ ପଙ୍ଖୁଡି ଛତ୍ରିଆ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ । ମଞ୍ଚ ପରିଚାଳନା ଗଜମଣି ବାଗ କରିଥିବା ବେଳେ ସରୋଜ ନାଏକ ଧନ୍ୟବାଦ ଦେଇଥିଲେ ।

# ସୋନପୁର ସହରର ମଝିପଡ଼ା, ଘୋଡ଼ାଘାଟ ପଡାରେ ଆରମ୍ଭ ହେଲା ମାଁ କାଳୀ ଙ୍କ ପୂଜା ଉତ୍ସବ

ସୁବର୍ଣ୍ଣପୁର,(ପି.ଏନ): ସୁବର୍ଣ୍ଣପୁର ସହର ର ବିଭିନ୍ନ ଜାଗାରେ ମା କାଳୀ ଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଥିବା ବେଳେ ମଝିପଡା କାଳୀପୂଜା ମୋହୋତ୍ସବ ୨୦୨୨ ପାଇଁ ସହରର ଦଶମତୀ ମହାନଦୀ ଘାଟରେ ଗଙ୍ଗା ମାତାଙ୍କୁ ପୂଜା,ଆରାଧନା ଓ ଆବାହନ କରାଯାଇ ପୂଜା ମଣ୍ଡପ ଯାଏଁ ବାଜା ବାଣ ସହ ଏକ ବିଶାଳ କଳସ ଯାତ୍ରା ପହଞ୍ଚି ଥିଲା ।ଏବଂ ପୂଜାର ମୁଖ୍ୟ ରାଜ ପୁରହିତ ବୁଲୁ ପୁରହିତ ଙ୍କ ଦ୍ୱାରା ରିତୀ ନୀତି ଅନୁସାରେ ଭୋର ୩ଟା ଯାଏଁ ପୂଜା ଅନୁଷ୍ଠିତ ହୋଇଥିଲା । ଏଠାରେ ମୁଖ୍ୟ କର୍ତା ଭାବରେ ପଦ୍ମନାଭ ପାଢ଼ୀ କାର୍ଯ୍ୟ ତୁଲାଇ ଥିବା ବେଳେ କମିଟିର ସଦସ୍ୟ ଲଡୁ କିଶୋର ମଲ୍ଲିକ,ବିକାଶ ପଣ୍ଡା,ଦିଲ୍ଲୀପ ସାହୁ,ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟରେ ସହଯୋଗର ହାତ ବଢ଼ାଇ ଥିଲେ। ଆସନ୍ତା ୧ ତାରିଖ ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଖୁବ ଯାକ ଯମକ ରେ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି କ୍ଷ ଠିକ ସେହିପରି ସହର ର ଘୋଡ଼ାଘାଟ ପଡା ମହାରଣା ପଡା ଛକ, ଫରେଷ୍ଟ ପାର୍କ ପଛ ପଟେ ଥିବା ମା ଦକ୍ଷିଣ କାଳୀ ମନ୍ଦିର ଓ ସୁବର୍ଣ୍ଣମେରୁ ମନ୍ଦିର ଠାରେ ଥିବା ମା କାଳୀ ଙ୍କ ମନ୍ଦିର ରେ ରୀତି ନୀତି ରେ ପୂଜାବିଧି ଆରମ୍ଭ କରାଯାଇଛି । ଦକ୍ଷିଣକାଳୀ ମନ୍ଦିର ରେ ପୂଜକ ମହାକାଳ ବାବା ଙ୍କ ଦ୍ୱାରା ପୂଜା ବିଧି କରାଯାଇଥିବା ବେଳେ ଧ୍ରୁବଳେସ୍ୱର ସିଂ, ଭାସ୍କର ଦାଶ, ମନୋଜ କର୍ମୀ, ଅରବିନ୍ଦ ଭୋଇ, କବି, ନରେନ୍ଦ୍ର ଅଧିକାରୀ, ବେଦ, ପ୍ରଦୀପ ସେଠି, ରାଜୀବ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ କ୍ଷ ସୁବର୍ଣ୍ଣମେରୁ ମନ୍ଦିର କ୍ୟାମ୍ପସ ରେ ଥିବା ନବ ନିର୍ମିତ ମା କାଳୀ ଙ୍କ ମନ୍ଦିର ରେ ଗତ କାଲି ସକାଳ ନଅ ଘଣ୍ଟା ରେ ମହାନଦୀ ତେନ୍ତୁଳି ଘାଟ ଠାରୁ ଗଙ୍ଗା ମାତା ଙ୍କୁ ପୂଜା ପରେ କଳସ ଯାତ୍ରା ଆସି ମନ୍ଦିର ରେ ପହଞ୍ଚିଥିଲା କ୍ଷ ଏବଂ ରାତ୍ରି ୯.୩୦ ଘଂଟା ରୁ ଭୋର ୪ ଟା ଯାଏ ପଣ୍ଡିତ ଆନନ୍ଦ ମିଶ୍ର ଙ୍କ ଦ୍ୱାରା ଚଣ୍ଡୀ ଯଜ୍ଞ ଓ ପୂଜାବିଧି ଅନୁଷ୍ଠିତ ହୋଇଥିବା ବେଳେ କର୍ତା ଭାବେ ସୁବ୍ରତ ମିଶ୍ର ଓ ସହ ଧର୍ମିଣୀ ପୂଜା କାର୍ଯ୍ୟ ତୁଲାଇଥିଲେ ଓ ମଂଟୁ ମିଶ୍ର,ଘାସି ମିଶ୍ର, ନରସିଂହ ପାଣିଗାହୀ ଓ ପାଢୀ ବାବୁ ପୂଜା ସମୟରେ ସହଯୋଗ କରିଥିଲେ। ଦିବା ୧ ଘଂଟା ବେଳେ ହଜାର ଭକ୍ତ ଶ୍ରଦ୍ଧାଳୁ ଙ୍କ ପାଇଁ ସାମୁହିକଅନ୍ନ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା ।

# ବିଶିଷ୍ଟ ବ୍ୟବସାୟୀ ଅଙ୍କୁର ଚରଣ ଦାଶଙ୍କ ବିୟୋଗ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସହର ଅନ୍ତର୍ଗତ ତିନିମୁହାଣୀର ବିଶିଷ୍ଟ ବ୍ୟବସାୟୀ ଗୁଲନଗର ନିବାସୀ ଅଙ୍କୁର ଚରଣ ଦାଶ(୬୬)ଙ୍କର ହୃଦ୍‌ଘାତରେ ବିୟୋଗ ହୋଇଯାଇଛି । ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ପକ୍ଷରୁ ପ୍ରଥମେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଓ ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଯାଇଥିଲା । ତାଙ୍କ ବିୟୋଗ ଖବର ପାଇ ଜିଲ୍ଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ଭୂବନ ମୋହନ ଜେନା, ସୁନାକର ବେହେରା, ଗୁଲନଗର ପଞ୍ଚାୟତର ବିଜେଡି ସଭାପତି ସୁଶାନ୍ତ କୁମାର ଦାଶ, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଗୁଲନଗର ସରପଞ୍ଚସଂଧ୍ୟାରାଣୀ ସାହୁ,ଗୁଆଲସିଂ ସରପଞ୍ଚଦୀଲିପ ଦାସ, ଆଳୁ ପିଆଜ ବ୍ୟବସାୟ ସଂଘର କର୍ମକର୍ତ୍ତା, ଜିଲ୍ଲା ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଓ ବିଶିଷ୍ଟ ବ୍ୟକ୍ତିମାନେ ତିନିମୁହାଣୀ ଛକରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ତାଙ୍କ ଶବକୁ ଏକ ଶୋଭାଯାତ୍ରାରେ ସଙ୍କୀର୍ତ୍ତନ ସହିତ ତିନିମୁହାଣୀ, ଗୁଲନଗର ଗ୍ରାମ ପଞ୍ଚାୟତ ପରିକ୍ରମା କରି କଜଳା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ରାଜେନ୍ଦ୍ର ମୁଖାଗ୍ନି ଦେଇଥିଲେ । ମଙ୍ଗଳବାର ତାଙ୍କ ସ୍ମୃତି ଉଦେଶ୍ୟରେ ତିନିମୁହାଣୀ ବଜାର ବନ୍ଦ କରାଯାଇଥିଲା ।

# ୮୫ବର୍ଷରେ ପହଞ୍ଚିଲା ଗୁଲନଗର କାଳୀ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସହର ତଳି ଗୁଲନଗର ଗ୍ରାମରେ ଦୀର୍ଘ ୮୫ବର୍ଷ ହେବ ମା' ଦକ୍ଷିଣ କାଳୀଙ୍କର ମୂର୍ତ୍ତୀ ନିର୍ମାଣ ହୋଇ ପୂଜା ପାଇ ଆସୁଅଛି । ୧୯୩୭ ମସିହାରେ କାଳୀ ସାଧକ କାହ୍ନାଇ ଚରଣ ଚକ୍ରବର୍ତ୍ତୀ ଏହି କାଳୀ ପୂଜା ବିଧିବଦ୍ଧଭାବେ ପୂଜା କରିଆସୁଥିଲେ । ୧୯୯୫ ମସିହାରେ ତାଙ୍କର ଦେହାନ୍ତ ପରେ ବର୍ତ୍ତମାନ ତାଙ୍କ ପୁତ୍ର ଭଗବତୀ ଚରଣ ଚକ୍ରବର୍ତ୍ତି ପୂଜା କରି ଆସୁଛନ୍ତି । ଅମାବାସ୍ୟା ଠାରୁ ୫ଦିନ ଧରି ଧୂମଧାମ୍‌ରେ ଏହି ପୂଜା ଅନୁଷ୍ଠିତ ହେଉଛି । ଗୁଲନଗର ଗ୍ରାମବାସୀଙ୍କ ସହଯୋଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ପାଲା, ଭଜନ ଓ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥାଏ । ଗତ ଦୁଇବର୍ଷ ହେବ କରୋନା କଟକଣା ମଧ୍ୟରେ ପୂଜା କରାଯାଉଥିଲା । ଏହି ପୂଜା ଦେଖିବାପାଇଁ ସହର ଓ ପୁରପଲ୍ଲୀରୁ ବହୁ ଦର୍ଶକ ଏଠାକୁ ଆସିଥାନ୍ତି ।

# ୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି । ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି । ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍ । ବିସ୍ତାରିତ ଅଫର ମଧ୍ୟରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଣ୍ଠକ୍ଷସ୍ପ;ାଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ । ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେଣ୍ଠକ୍ଷସ୍ପ;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଣ୍ଠକ୍ଷସ୍ପ;ାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡଗୁଡିକରେ ଉପଲବ୍ଧ ହେଉଛି । ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ । ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଅନ୍ତର୍ଭୁକ୍ତ । ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ । ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍‌କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ । ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ । ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ । ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ । କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି । ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି । ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ । ଏଥିସହିତ ସୁଲଭତା ନିଶ୍ଚିତ କରିବା ପାଇଁ ଏସବିଆଇ କାର୍ଡ ଗ୍ରାହକମାନେ ୮୪୫୦୦ ବ୍ୟବସାୟ ପ୍ରତିଷ୍ଠାନ ଏବଂ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇ ସୁବିଧା ପାଇପାରିବେ । ପୁନଶ୍ଚ ଇଲେକଟ୍ରୋନିକ୍ସ ଓ ମୋବାଇଲ ବର୍ଗରେ ୧୪ଟି ବ୍ରାଣ୍ଡ ନିମନ୍ତେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଇଏମ୍‌ଆଇ ସୁବିଧା ନେଇପାରିବେ ।

# ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି । ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ । ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି । ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ । ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି । ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି । ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ । ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି । ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ । ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ । ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ । ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧଶର ଆଣିଛି । ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାରମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି ।

# ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି । ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି । କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି । ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ୍ୟ ହୋଇପାରିବ । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତା ପାଇଁ ଖ୍ୟାତି ହାସଲ କରିପାରିଛି । ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ । ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ । ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି । ଏହି ୱାରେଂଟି ସୁବିଧା ପରବର୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ । ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତୀ ସେବା ଅନ୍ତର୍ଗତ ମଧ୍ୟ ଯୋଗାଇ ଦିଆଯାଇଥାଏ ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍‌ସ୍ୟୁରାନ୍ସ କରିପାରିବେ । ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ୍ୟ ଦେଖିପାରିବେ । ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ । ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ । ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪x୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ । ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ । ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ଦବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ । ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ । ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ । ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ । ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାର୍‌ଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି । ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ । ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି । ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗକୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା । ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା । ନିଜର ନୂତନ ଅବତତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି । ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ । କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ । ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ । ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍' ।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି ।




# ଜନ୍ମଦିନରେ 'କେକ୍' କାଟିବା ଆମ ସଂସ୍କୃତିର ପରିପନ୍ଥୀ

ପିଲାମାନଙ୍କର ଜନ୍ମଦିନ ପାଳନ ଆଜିକାଲିର ବାପା-ମା'ମାନଙ୍କ ପାଇଁ ଏକ ନିଶା ହୋଇଯାଇଛି। ଏହା ମଧ୍ୟ ପରିବାର-ପରିବାର ମଧ୍ୟରେ ଏକ ପ୍ରତିଯୋଗିତାର ମନୋଭାବ ସୃଷ୍ଟି କରୁଛି। ବର୍ତ୍ତମାନ ଖାଲି ଜନ୍ମଦିନ ନୁହେଁ ଏକଉସିଆ, ଅନ୍ନପ୍ରାସନ୍ନ ଏବଂ ଚୁଟିପକା ମଧ୍ୟ ଖୁବ୍ ଜାକଯମକର ସହିତ ପାଳନ କରାଯାଉଛି। ଏହା କିଛି ଖରାପ କଥା ନୁହେଁ। କିନ୍ତୁ ଏହା ପ୍ରତିଯୋଗିତାର ରୂପ ନେବା ଶୁଭଙ୍କର ନୁହେଁ। ବାପା-ମା-ପରିବାର ଏହା ଆନନ୍ଦର ସହିତ ପାଳନ କରୁଛନ୍ତି କିନ୍ତୁ କଷ୍ଟ ପାଉଛନ୍ତି ପଡ଼ୋଶୀ ଏବଂ ପରିଚିତ ଲୋକମାନେ। ଯଦି ଖୁବ୍ ଗଭୀରକୁ ପ୍ରବେଶ କରି ଏହି ପାଳନର ପ୍ରକୃତ ଉଦ୍ଦେଶ୍ୟକୁ ବୁଝିବା, ଏହା ଉତ୍ସବ ପାଳନ ନୁହେଁ - ଏହା ଏକ ବେପାର। ଏ ବେପାର କେଉଁଠି ଟଙ୍କାର ତ କେଉଁଠି ଆତ୍ମ ପ୍ରଶସ୍ତିର କିମ୍ବା ଅହଙ୍କାରର। କିଛିବର୍ଷ ଆଗରୁ ପିଲାଟିଏ ଜନ୍ମନେଲେ ଖୁସିରେ ଏକଉସିଆ ପାଳନ କରି, ଘରେ ନାରାୟଣ ପୂଜାଟିଏ କରାଯାଉଥିଲା। କିଛି ବାପ-ମା' ଜନ୍ମଦିନ ପାଳନ କରୁଥିଲେ ମନ୍ଦିରକୁ ଯାଇ, ସେଠାରେ ଶ୍ରୀଫଳଟିଏ ଠାକୁରଙ୍କ ପାଖରେ ପିଟି ପିଲାର ଶୁଭ ମନାସୁଥିଲେ। ସମୟ ବଦଳିଗଲା ଏବଂ ଏହି ସବୁ ଉତ୍ସବ ପାଳନ ବିବାହ - ବ୍ରତର ରୂପ ନେଲା।

ବର୍ତ୍ତମାନ ସମାଜରେ ବୃଦ୍ଧ ପିତା-ମାତାମାନେ ଖୁବ୍ ନିର୍ଯ୍ୟାତିତ ନିଜର ପିଲାମାନଙ୍କ ଦ୍ୱାରା। ପିଲାମାନଙ୍କର ବାପା-ମା'ଙ୍କ ପ୍ରତି ନ୍ୟୁନତମ ସମ୍ମାନବୋଧ ମଧ୍ୟ ନାହିଁ। ଏପରିକି କେଉଁ ପୁଅ ବାପା-ମା'ଙ୍କୁ ପିଟି ପିଟି ମାରିଦେଲେଣି ତ କେଉଁପୁଅ ବୃଦ୍ଧ ବାପା-ମା'ଙ୍କୁ ଛାଡ଼ି ପଳେଇ ଗଲେଣି। ଏହିସବୁ ଖବର ପ୍ରତିଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ଆମେ ପିଲାମାନଙ୍କର ଯେତେ ନିକଟତର ହେବାକୁ ଚେଷ୍ଟା କରୁଛୁ - ପିଲାମାନଙ୍କର ଯେତେ ମଂଗଳ ଓ ଉନ୍ନତି କାମନା କରୁଛୁ, ସେମାନେ ଆମ୍ଭମାନଙ୍କଠାରୁ ସେତେ ଦୂରେଇ ଯାଉଛନ୍ତି। ଯେତେବେଳେ ଜନ୍ମଦିନ ପାଳନ କେବଳ ମନ୍ଦିରମାନଙ୍କରେ ସୀମୀତ ଥିଲା, ସେତେବେଳେ ପିଲାମାନେ ବାପା-ମା'ଙ୍କୁ ନିଜର ମନେକରୁଥିଲେ-ଭଲ ପାଉଥିଲେ-ସମ୍ମାନ ଦେଉଥିଲେ। ଆମ୍ଭମାନଙ୍କ ପରି ପିଲାମାନେ ମଧ୍ୟ ବେପାର ଆରମ୍ଭ କରି ଦେଲେଣି। ନ କରିବେ ବା କାହିଁକି ! ଏହି ବେପାର ତ ସେମାନେ ଆମ୍ଭମାନଙ୍କଠାରୁ ଶିଖିଛନ୍ତି। ପ୍ରତ୍ୟେକ କାର୍ଯ୍ୟର ଗୋଟେ ସୁଦୂରପ୍ରସାରୀ ପ୍ରଭାବ ଥାଏ। ଆଜି ଯାହା ଆମ୍ଭେମାନେ ଭଲ ଭାବି କରୁଛନ୍ତି କାଲି ତାହା ଭେଲ ପ୍ରମାଣିତ ହେଉଛି। ଜନ୍ମଦିନରେ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ଠିକ୍ କଥା, କିନ୍ତୁ ଏହାକୁ ପାଳନ କରି ଅହଙ୍କାର ପ୍ରଦର୍ଶନ କରିବା, ଆଦୌ ଠିକ୍ ନୁହେଁ। ଆମର ଏ ଅହଙ୍କାର ପିଲାମାନଙ୍କୁ କୁପଥଗାମୀ କରାଉଛି। ଯାହାଫଳରେ ସେମାନେ ବାପା-ମା'ଙ୍କୁ ନିଜର ନଭାବି ଅହଙ୍କାରକୁ ନିଜର ମନେକରୁଛନ୍ତି।

ଏହି ଜନ୍ମଦିନ ସବୁ ବେପାର କିମ୍ବା ଅହଙ୍କାରର ପ୍ରଦର୍ଶନ ଦିନ ହେବା ଆଗରୁ, ପିଲାଟିଏ ଜନ୍ମ ହେଲେ ବାପା-ମା'ମାନେ ନାରୟଣ ପୂଜା କିମ୍ବା ପଞ୍ଚାନନ ମେଳାଟିଏ କରାଇ, ତା'ର ସୁଖ-ସମୃଦ୍ଧି କାମନା କରିବା ସଙ୍ଗେ ସଙ୍ଗେ ଦୀପ ଦାନ କରୁଥିଲେ। ଦୀପ ଦାନ ବା ଯଜ୍ଞ ଆମ ଭାରତୀୟ ସଂସ୍କୃତିର ଏକ ମହନୀୟ ପରମ୍ପରା। ଆମ ସଂସ୍କୃତିରେ ଦୀପ ପ୍ରଜ୍ୱଳନ ଏକ ବିଧି। ଯଦି କୌଣସି କାରଣରୁ ଦୀପଟି ଲଭିଯାଉଥିଲା। ତାହାକୁ ଏକ ଅଶୁଭ ସୂଚନା ରୂପେ ଗ୍ରହଣ କରାଯାଉଥିଲା। କିନ୍ତୁ ଆଜିର ଏ ଅପସଂସ୍କୃତିପ୍ରେମୀ ବାପା-ମା'ମାନେ ଦୀପଟିକୁ ଲିଭାଇ ଜନ୍ମଦିନ ପାଳନ କରୁଛନ୍ତି। ଯେଉଁମାନେ ନିଜର ସଂସ୍କୃତିକୁ ଚିହ୍ନିପାରୁନାହାଁନ୍ତି ସେମାନଙ୍କଠାରୁ କିଛି ବି ଆଶା କରାଯାଇପାରେନା। ଗୋଟେ ଜନ୍ମଦିନ ଉତ୍ସବରେ ମୁଁ ନିଜେ ଉପସ୍ଥିତ ଥାଇ ଦେଖିଛି ଯେତେବେଳେ 'କେକ୍' କଟାଯାଇ ଦୀପ (ମହମବତୀ) ଲିଭାଗଲା, ସେଠାରେ ଉପସ୍ଥିତ ସମସ୍ତେ "ହେପି ବାର୍ଥ ଡେ" କହି ଆନନ୍ଦରେ ତାଳି ମାରିଲେ। ସେହିମାନଙ୍କର ଏହି ତାଳି ମୋ ଛାତିରେ ହାତୁଡ଼ି ପିଟାର କଷ୍ଟ ଦେଉଥିଲା। ଏ କଷ୍ଟ ଆହୁରି ତୀବ୍ର ହେଲା ଯେତେବେଳେ ସେଠାରେ ଉପସ୍ଥିତ ଦୁଇଜଣ ବୃଦ୍ଧ ଖୁସିରେ ଆତ୍ମହରା ହୋଇ ତାଳି ମାରିଲେ। ଏ ପର୍ବ ଶେଷ ହେବା ପରେ ମୁଁ ସେହି ବୃଦ୍ଧ ଦୁଇଜଣଙ୍କ ମଧ୍ୟରୁ ଜଣକୁ ଡାକି କହିଲି, ଏପରି ଅପସଂସ୍କୃତିକୁ ଆଜିର ଉଦ୍ଧତ ଯୁବ ସମାଜ ଗ୍ରହଣ କରିନେଇପାରେ, ଏଥିରେ କିଛି ନୂତନତା ନଥାଇପାରେ; କିନ୍ତୁ ଆପଣଙ୍କ ପରି ବୟସ୍କ ବ୍ୟକ୍ତିମାନେ ଏହାକୁ ଗ୍ରହଣ କରିନେବାଟା ଠିକ୍ ହେଲା କି ? ତାଙ୍କର ଉତ୍ତର ମୋତେ ଅଧିକ ବ୍ୟଥିତ କଲା। ସେ କହିଲେ ତୁମେ ପାଠଶାଠ ପଢ଼ି ଖୁବ୍ ତଳେ ରହିଗଲ। ସେତେବେଳେ ମୁଁ ଭାବୁଥିଲି ସତରେ କ'ଣ ମୁଁ ଏତେ ତଳେ ଅଛି ! ଏ ପ୍ରଶ୍ନର ଉତ୍ତର ମୁଁ ନିଜେ ମଧ୍ୟ ପାଇନଥିଲି। ଯଦିବି ସତରେ ତଳେ ଥାଏ ତେବେ ମୋର ସେହି ତଳ ହିଁ ଦରକାର। ଉପରକୁ ଯିବା ଆଦୌ ଆବଶ୍ୟକ ନାହିଁ।

କେନ୍ଦୁଝର ଜିଲ୍ଲାର କୌଣସି ଏକ ଗ୍ରାମକୁ ଏହିପରି ଏକ ଜନ୍ମଦିନ ପାଳନ ଉତ୍ସବକୁ ନିମନ୍ତ୍ରିତ ହୋଇ ଯାଇଥିଲି। ସେଠାରେ 'କେକ୍' କଟା ସମୟରେ ଦୀପ କିମ୍ବା ମହମବତୀ ଜଳୁ ନଥିଲା। ଜଳୁଥିଲା ମହମବତୀ ପରି ଦେଖାଯାଉଥିବା ବିଜୁଳିବତୀ। ଏହି ବତୀକୁ ସେମାନେ ପାଟିରେ ଫୁଙ୍କି ଲିଭା ନଯାଇ ଏକ ସୁଇଚ ଦ୍ୱାରା ଲିଭା ଯାଉଥିଲା ଏବଂ ସେଠାରେ ଉପସ୍ଥିତ ସମସ୍ତେ ଖୁସିରେ 'ହେପି ବାର୍ଥ ଡେ' କହି ତାଳି ମାରୁଥିଲେ। ପରେ ମୁଁ ସେହି ପରିବାରର ଜଣଙ୍କୁ ଡାକି ପଚାରିଲି ଦୀପ କିମ୍ବା ମହମବତୀ ପରିବର୍ତ୍ତେ ଆପଣମାନେ ମହମବତୀ ପରି ପ୍ରତୀୟ ହେଉଥିବା ବିଜୁଳିବତୀ ଜାଳୁଥିଲେ କାହିଁକି ? ଉତ୍ତରରେ କହିଲେ ମହମବତୀ କିମ୍ବା ଦୀପକୁ ପାଟିରେ ଫୁଙ୍କି ଲିଭାଇଲେ, ପାଟିରୁ ଛେପ ସବୁ ଯାଇ କେକ୍ ଉପରେ ପଡ଼ିବ, ଯାହାକି ଅଇଁଠା ହୋଇଯିବ। ଏ ପ୍ରକାର ବ୍ୟବସ୍ଥାରେ ପାଟିରେ ଫୁଙ୍କିବା ଦରକାର ପଡ଼ିବ ନାହିଁ, କେବଳ ସୁଇଚ ଟିପିଦେଲେ ସବୁ ଲିଭିଯିବ। ତାଙ୍କର ସେ ପ୍ରକାର ଉତ୍ତର ଶୁଣି ମୁଁ ଭାବୁଥିଲି ଯେଉଁଭାବରେ ବତୀ ଲିଭାଯାଉନା କାହିଁକି, ଏହା କେବଳ ପିଲାଟିର ଅମଙ୍ଗଳ ପାଇଁ ହିଁ ଉଦ୍ଦିଷ୍ଟ। ପିଲାଟିର ମଙ୍ଗଳ କାମନା କରି ଆମ୍ଭେମାନେ ଯେ ତା'ର କେବଳ ଅମଙ୍ଗଳ କରି ଚାଲିଛୁ, ଏହା ଅପ୍ରିୟ ହେଲେ ବି ସତ୍ୟ।

ଏଣୁ ଏହି ଅପସଂସ୍କୃତିକୁ ନେଇ ବଢ଼ି ଉଠିଥିବା ପିଲାମାନେ ସେମାନଙ୍କ ପିତାମାତାଙ୍କୁ ଆମ ସଂସ୍କୃତିରେ ଥିବା 'ପିତୃ ଦେବୋ ଭବଃ' କିମ୍ବା 'ମାତୃ ଦେବୋ ଭବଃ' ଭାବରେ ବିବେଚନା କରିବାର କୌଣସି ଯଥାର୍ଥତା ନାହିଁ। ଆମ୍ଭେମାନେ ନିଜେ ସବୁ ଭୁଲ କରି ଚାଲିଛୁ କିନ୍ତୁ ଦୋଷ ଦେଇ ଚାଲିଛୁ ସମୟକୁ ଆଉ ଆମର ପିଲାମାନଙ୍କୁ। ଜନ୍ମଦିନ କିମ୍ବା ଅନ୍ୟାନ୍ୟ ଉତ୍ସବାଦି ଯାକଜମକରେ ପାଳନ କରିବା ପରିବର୍ତ୍ତେ ଆମ୍ଭେମାନେ ଯଦି ପିଲାମାନଙ୍କୁ ସେମାନଙ୍କର ବିବେକ, ଗୁରୁଜନମାନଙ୍କ ପ୍ରତି ସମ୍ମାନବୋଧ, ବିଚାର ଶକ୍ତି ଏବଂ ହୃଦୟରେ ସମସ୍ତଙ୍କ ପ୍ରତି ଭଲ ପାଇବାର ଆବେଗ ସୃଷ୍ଟି ପାଇଁ ସାମାନ୍ୟତମ ଉଦ୍ୟମ କରନ୍ତେ, କେତେ ଭଲ ହୁଅନ୍ତା ସତରେ !

**କୈଳାଶ ଚନ୍ଦ୍ର ପଣ୍ଡା,** ସମ୍ପାଦକ "ପ୍ରେମ ପୃଥିବୀ", ଭଦ୍ରକ, ମୋ- ୯୪୩୭୩୩୫୧୮୯

# ଫାଶୀ ସଜ୍ଜା ଏବଂ ଅପିଲ୍‌ର ଅଧିକାର

ସୁପ୍ରିମକୋର୍ଟ ନିକଟଅତୀତରେ ଏକ ଐତିହାସିକ ନିଷ୍ପତ୍ତିରେ କହିଛନ୍ତି, ଦୟା ଯାଚିକା ଉପରେ ନିଷ୍ପତ୍ତି ନେବାରେ ବିଳମ୍ବ ଆଧାରରେ ଫାଶୀ ସଜା ଆଜୀବନ କାରାଦଣ୍ଡରେ ବଦଳାଇ ଦିଆଯାଇ ପାରେ। ଏମିତି ମାମଲାରେ ୧୫ଜଣ ଅଭିଯୁକ୍ତଙ୍କ ଫାଶୀ ଦଣ୍ଡ ଆଜୀବନ କାରାଦଣ୍ଡରେ ବଦଳାଇ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ନିମ୍ନ ଅଦାଲତରେ ଫାଶୀ ସଜା ହେବା ପରେ ଦୋଷୀକୁ କେଉଁ କେଉଁ ସ୍ଥାନରେ ନିବେଦନ କରିବାର ଅଧିକାର ରହିଛି ଏହି ପରିପ୍ରେକ୍ଷୀରେ ଆସନ୍ତୁ ଜାଣିବା।

**ହାଇକୋର୍ଟ କନ୍‌ଫର୍ମ କରେ ଫାଶୀଦଣ୍ଡ :** ଆଇନ ବିଶେଷଜ୍ଞଙ୍କ ମତ ଅନୁଯାୟୀ ହତ୍ୟା, ଦେଶଦ୍ରୋହ ସମେତ ଅନ୍ୟ ଅତ୍ୟନ୍ତ ସଙ୍ଗୀନ ମାମଲା ମଧ୍ୟରୁ ରେୟାରେଷ୍ଟ ଅଫ୍ ରେୟାରକୁ ଫାଶୀ ସଜା ଦିଆଯାଏ। ନିମ୍ନ ଅଦାଲତ ଫାଶୀ ଦଣ୍ଡ ଶୁଣାଇବା ପରେ ଏହି ସଜା କନ୍‌ଫର୍ମ କରିବା ପାଇଁ ଉଚ୍ଚ ଅଦାଲତକୁ ପଠାଯାଏ। ହାଇକୋର୍ଟରେ ଏହି ଦଣ୍ଡ ବିରୋଧରେ ଆବେଦନ କରିବା ପାଇଁ ଦୋଷୀକୁ ଦୁଇମାସ ସମୟ ଦିଆଯାଏ। ଏ ମଧ୍ୟରେ ନିମ୍ନ ଅଦାଲତରୁ ଦଣ୍ଡ ସମ୍ପର୍କରେ ଶେଷ ନିଷ୍ପତ୍ତି ପାଇଁ ହାଇକୋର୍ଟ ପଠାଯାଏ। ହାଇକୋର୍ଟରେ ଫାଶୀ ଦଣ୍ଡ ସମ୍ପର୍କରେ ଶେଷ ନିଷ୍ପତ୍ତି ଏବଂ ଏହା ବିରୋଧରେ ଆବେଦନ ଉଭୟର ନିଷ୍ପତ୍ତି ନିଆଯାଏ। ଯଦି ହାଇକୋର୍ଟ ନିମ୍ନ ଅଦାଲତର ନିଷ୍ପତ୍ତିକୁ କାଏମ୍ ରଖନ୍ତି, ତେବେ ସୁପ୍ରିମକୋର୍ଟରେ ଏହା ବିରୋଧରେ ଅପିଲ ଦାଖଲ କରିବାର ବ୍ୟବସ୍ଥା ରହିଛି।

**ସୁପ୍ରିମକୋର୍ଟ ପାଇଁ ତିନିମାସ ସମୟ:** ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିବା ପାଇଁ ଦୋଷୀକୁ ତିନିମାସ ସମୟ ଦିଆଯାଏ। ଯଦି ସୁପ୍ରିମକୋର୍ଟ ଫାଶୀ ସଜା କାଏମ୍ ରଖନ୍ତି ତେବେ ଦୋଷୀ ରିଭ୍ୟୁ ପିଟିସନ ଦାଖଲ କରିପାରେ। ଯେଉଁ ବେଞ୍ଚ ନିଷ୍ପତ୍ତି ନେଇଛନ୍ତି ସେହି ବେଞ୍ଚରେ ରିଭ୍ୟୁ ପିଟିସନ ଦାଖଲ କରାଯାଏ । ରିଭ୍ୟୁ ପିଟିସନରେ ଦୋଷୀ ଦଣ୍ଡ ବଦଳାଇବା ପାଇଁ ତର୍କ ଉପସ୍ଥାପିତ କରିଥାଏ। ରିଭ୍ୟୁ ପିଟିସନ ଖାରଜ ହୋଇଗଲେ ଦୋଷୀ କ୍ୟୁରେଟିଭ୍ ପିଟିସନ ଦାଖଲ କରିପାରେ। କ୍ୟୁରେଟିଭ୍ ପିଟିସନ ଅଦାଲତଙ୍କ ନିଷ୍ପତ୍ତିର ଆଇନଗତ ତ୍ରୁଟି ଉପରେ ପ୍ରଶ୍ନ ଉଠାଇପାରେ। ଯଦି କୌଣସି ନିଷ୍ପତ୍ତିରେ ଆଇନ୍‌ଗତ ଦିଗ ଦେଖାଯାଇନଥାଏ, ତେବେ କ୍ୟୁରେଟିଭ୍ ପିଟିସନରେ ଏହା ଦର୍ଶାଯାଏ। କ୍ୟୁରେଟିଭ୍ ପିଟିସନ ଏବଂ ରିଭ୍ୟୁ ପିଟିସନ ସାଧାରଣତଃ ଇନ୍‌ଚାମ୍ବର କରାଯାଏ। କିନ୍ତୁ କେତେକ ମାମଲାରେ ଯଦି ଅଦାଲତ ମନେକରନ୍ତି ଏହି ପିଟିସନର ଶୁଣାଣି ମୁକ୍ତ ଅଦାଲତରେ ହୋଇପାରେ, ତେବେ ଖୋଲା ଅଦାଲତରେ ଏହାର ଶୁଣାଣି ହୁଏ। ରିଭ୍ୟୁ ପିଟିସନ ପରେ କ୍ୟୁରେଟିଭ୍ ପିଟିସନ ଖାରଜ ହୋଇଗଲେ ଦୋଷୀ ଦୟା ଯାଚିକା ଦାଖଲ କରିପାରନ୍ତି। ସମ୍ବିଧାନ ଅନୁଚ୍ଛେଦ ୭୨ ଅନୁଯାୟୀ ରାଷ୍ଟ୍ରପତିଙ୍କ ପାଖରେ ଏବଂ ଅନୁଚ୍ଛେଦ ୧୬୧ ଅନୁଯାୟୀ



ରାଜ୍ୟପାଳଙ୍କ ପାଖରେ ଦୟା ଯାଚିକା ଦାଖଲ କରାଯାଇପାରେ। ସେ ଚାହିଁଲେ ଦୋଷୀର ଫାଶୀ ସଜାକୁ ଆଜୀବନ କାରାଦଣ୍ଡରେ ବଦଳାଇ ପାରନ୍ତି କିମ୍ବା କ୍ଷମା ପ୍ରଦାନ କରିପାରନ୍ତି। ଏଥିପାଇଁ ରାଷ୍ଟ୍ରପତି ଗୃହ ମନ୍ତ୍ରଣାଳୟରୁ ରିପୋର୍ଟ ମାଗନ୍ତି ଏବଂ କେନ୍ଦ୍ର ସରକାରଙ୍କ ରାୟ ଆଧାରରେ ନିଷ୍ପତ୍ତି ନିଅନ୍ତି।

ସୁପ୍ରିମ୍‌କୋର୍ଟ ନିକଟଅତୀତରେ ଏକ ନିଷ୍ପତ୍ତିରେ କହିଛନ୍ତି, ଯଦି ଦୟା ଯାଚିକା ସଂପର୍କରେ ନିଷ୍ପତ୍ତି ନେବାରେ ବିଳମ୍ବ ହୁଏ ତେବେ ଏହା ଆଧାରରେ ଫାଶୀକୁ ଆଜୀବନ କାରାଦଣ୍ଡରେ ବଦଳାଇ ହେବ। ତେଣୁ କୌଣସି ଦୋଷୀ ଦୟା ଯାଚିକା ଉପରେ ନିଷ୍ପତ୍ତି ନେବାରେ ବିଳମ୍ବ ହୋଇଥିବା ଆଧାରରେ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିପାରନ୍ତି। ସୁପ୍ରିମ୍‌କୋର୍ଟରେ ଏହି ଆବେଦନ ଖାରଜ ହେବା ପରେ ଦୋଷୀକୁ ଫାଶୀ ଦେବା ପାଇଁ ଡେ଼ଥ୍ ୱାରେଣ୍ଟ ଜାରି କରାଯାଏ। ଫାଶୀଦଣ୍ଡ ପାଇଥିବା ଦୋଷୀର ଆବେଦନ କୌଣସି ଅଦାଲତରେ ଅଟକି ନଥିଲେ ଏବଂ ଏପରିକି ରାଷ୍ଟ୍ରପତିଙ୍କ ପାଖରେ ଆବେଦନ ଖାରଜ ହୋଇସାରିଥିଲେ ଜେଲ ଅଧୀକ୍ଷକ ଏ ସମ୍ପର୍କରେ ସଂପୃକ୍ତ ନିମ୍ନ ଅଦାଲତକୁ ସୂଚୀତ କରନ୍ତି। ଜେଲ୍ ଅଧିକାରୀ ନିମ୍ନ ଅଦାଲତଙ୍କୁ ଦୋଷୀର ଆଇନଗତ୍ ସ୍ଥିତି ସମ୍ପର୍କରେ ସୂଚନା ଦେବା ସହ ଉକ୍ତ କଏଦୀ ସହ କ'ଣ କରାଯିବ ଏବଂ କେବେ ଫାଶୀ ଦିଆଯିବ ଇତ୍ୟାଦି ପଚାରନ୍ତି। ଏହାପରେ ସଂପୃକ୍ତ ସେସନ୍ସ କୋର୍ଟ ଉକ୍ତ ଦୋଷୀ ନାମରେ ଡେଥ୍ ୱାରେଣ୍ଟ ଜାରି କରନ୍ତି ଏବଂ ସେଥିରେ କଏଦୀକୁ ଫାଶୀ ଦେବାର ତାରିଖ ଏବଂ ସମୟ ସ୍ଥିର କରାଯାଇଥାଏ। ସେହି ତାରିଖ ଏବଂ ସମୟରେ ଫାଶୀ ଦଣ୍ଡ ଦିଆଯାଏ। ବିଶ୍ୱର ଅଧିକାଂଶ ଦେଶ ମୃତ୍ୟୁଦଣ୍ଡ ଉଚ୍ଛେଦ ଦିଗରେ ଆଗେଇଛନ୍ତି। ୧୯୯୦ ମସିହାରୁ ପ୍ରାୟ ପ୍ରତିବର୍ଷ ତିନୋଟି ଦେଶ ମୃତ୍ୟୁଦଣ୍ଡ ଉଚ୍ଛେଦ କରୁଛନ୍ତି। ଆଜି ପର୍ଯ୍ୟନ୍ତ ବିଶ୍ୱର ଦୁଇ ତୃତୀୟାଂଶ ଦେଶ ଫାଶୀ ଦଣ୍ଡ ଉଚ୍ଛେଦ କରିଛନ୍ତି ବା ପ୍ରଚଳନ ବନ୍ଦ କରିଛନ୍ତି। ଏ ମଧ୍ୟରେ ୧୪୦ଟି ଦେଶ ୨୦୧୭ ମସିହା ସୁଦ୍ଧା ଏହି ଦଣ୍ଡ ଉଚ୍ଛେଦ କରିଦେଇଥିଲେ। କିନ୍ତୁ ୨୧ଟି ଦେଶରେ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଛି ଏବଂ ରାୟରେ ଫାଶୀଦଣ୍ଡ ଶୁଣାଯାଇଛି।

**ଯୁଧିଷ୍ଠିର ମହାରଣା**
*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ କଟକ, ଦୂରଭାଷ: ୯୪୩୭୧୬୩୫୨୮*

# ଭଗବତୀ ପାଣିଗ୍ରାହୀଙ୍କ ସ୍ମୃତି ସମାରୋହ

ଭୁବନେଶ୍ୱର (ପିଏନ୍)– ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଭଗୀରଥ, କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ତଥା ଓଡ଼ିଆ ସାହିତ୍ୟରେ ମାର୍କ୍ସବାଦୀ ଚିନ୍ତାଧାରାର ଆଦ୍ୟ ପ୍ରବର୍ତ୍ତକ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୭୯ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଆଜି ସନ୍ଧ୍ୟାରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ପାଳିତ ହୋଇଯାଇଛି।

ବରିଷ୍ଠ ସିପିଆଇ ନେତା ଦିବାକର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସମାରୋହରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ) ନେତା ସୁରେଶ ପାଣିଗ୍ରାହୀ ଓ ସିପିଆଇ (ଏମ.ଏଲ.) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ– ଉତ୍କଳ ଗୌରବ ମଧୁସୁଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ ଯଥାକ୍ରମେ ଓଡ଼ିଆ ଜାତୀୟତା ଓ ମହାଭାରତୀୟ ଜାତୀୟତାର ଧାରାକୁ ଓଡ଼ିଶାରେ ପ୍ରବାହିତ କରିଥିବାବେଳେ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ ତାଙ୍କର ଦୁଇ ସହଯୋଗୀ ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକଙ୍କ ସହ ମିଶି ୧୯୩୬ ମସିହାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରି ଶ୍ରେଣୀହୀନ ଓ ଶୋଷଣହୀନ ସମାଜ ଗଠନର ଆନ୍ତର୍ଜାତୀୟତାବାଦର ମନ୍ଦାକିନୀ ଧାରାକୁ ଓଡ଼ିଶା ମାଟିରେ ପ୍ରବାହିତ କରିଥିଲେ ଏବଂ ଏହି ସାମ୍ୟବାଦୀ ସମାଜ ହିଁ ହେଉଛି ମାନବ ଜାତିର ଭବିଷ୍ୟତ ଯାହାକୁ କେହି ଅନ୍ୟଥା କରିପାରିବ ନାହିଁ। ସେମାନେ କହିଥିଲେ–ଯେଉଁ ସାମ୍ପ୍ରଦାୟିକତାବାଦୀମାନେ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ ନ କରି ଧର୍ମଭିତ୍ତିରେ ଦେଶ ବିଭାଜନ ପାଇଁ ଇଂରେଜ ସରକାରକୁ ସହଯୋଗ କରିଥିଲେ, ସେମାନେ ଆଜି କେନ୍ଦ୍ର କ୍ଷମତାକୁ ଦଖଲ କରି ଧର୍ମୀୟ ମୌଳବାଦ, ସାମ୍ପ୍ରଦାୟିକତା ଓ ଅସହିଷ୍ଣୁତାର ବିଷମଞ୍ଜି ବୁଣି ମହାନ୍ ଭାରତୀୟ ସମାଜର ଏକତା ଓ ଧର୍ମ ନିରପେକ୍ଷତାକୁ ବିପନ୍ନ କରୁଥିବାବେଳେ, ସଂସଦୀୟ ଗଣତନ୍ତ୍ର ଉପରେ ଆକ୍ରମଣ ଚଳାଇଛନ୍ତି। ଏହା ବିରୋଧରେ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ସଂଗ୍ରାମ ଚଳାଇବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ 'ନୂଆ ଦୁନିଆ'ର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାପତି ସଙ୍ଘମିତ୍ରା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। 'ନୂଆ ଦୁନିଆ'ର ଭଗବତୀ ବିଶେଷାଙ୍କକୁ ବର୍ଷୀୟାନ୍ କମ୍ୟୁନିଷ୍ଟ ନେତା ଓ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର ଉନ୍ମୋଚନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସୁର ଜେନା, ଜୟନ୍ତ ଦାସ, ବିଜୟ ଜେନା, ବ୍ରଜବନ୍ଧୁ ପ୍ରଧାନ, ନିକୁଞ୍ଜ ମହାନ୍ତି, ବସନ୍ତ କୁମାର ପାଇକରାୟ, ବିଜୟ ମହାନ୍ତି, ସତୀଶ ମିଶ୍ର ଓ ପ୍ରଫେସର ଧନେଶ୍ୱର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କୋଣାର୍କରେ ମା' କାଳୀଙ୍କ ପୂଜା



ଭୁବନେଶ୍ୱର (ପିଏନ୍): କୋଣାର୍କସ୍ଥିତ ମା' ଦକ୍ଷିଣକାଳୀଙ୍କ ପୀଠରେ ଗତ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପୀ ମା' ଶ୍ୟାମାକାଳୀଙ୍କ ପୂଜା ରୀତିନୀତି ଅନୁଯାୟୀ ନିଶାର୍ଦ୍ଧ ପୂଜାର୍ଚ୍ଚନା, ଚଣ୍ଡୀପାଠ ଓ ହୋମଯଜ୍ଞ ମହାସମାରୋହରେ ପାଳିତ ହୋଇଛି । ବିଗତ ୩୯ ବର୍ଷ ଧରି କୋଣାର୍କ କାଳୀପୂଜା କମିଟି ପକ୍ଷରୁ କୋଣାର୍କ ମେଡ଼ିକାଲ ଛକସ୍ଥିତ ମା' ଦକ୍ଷିଣକାଳୀଙ୍କ ପୀଠରେ ମା'ଙ୍କ ପୂଜା କରାଯାଇଆସୁଅଛି । ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମା'ଙ୍କ ପୀଠକୁ ଆଲୋକରେ ସୁସଜ୍ଜିତ କରାଯାଇଛି । ମାଧିପୁର ଗ୍ରାମର ପୂଜକ ଆଲୋକ ପାଢୀଙ୍କ ଦ୍ୱାରା ମା' କାଳୀଙ୍କ ସମସ୍ତ ପୂଜାନୀତି ଚଣ୍ଡୀପାଠ, ନିଶାର୍ଦ୍ଧ ପୂଜାର୍ଚ୍ଚନା କରାଯାଇଥିବା ବେଳେ ସୂର୍ଯ୍ୟନାରାୟଣ ଓ ରବିନାରାୟଣ ସହଯୋଗ କରିଛନ୍ତି । କୋଣାର୍କ ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମେତ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକମାନେ ମଧ୍ୟ ଏହି କାଳୀମନ୍ଦିରରେ ଉପସ୍ଥିତ ରହି ମା'ଙ୍କୁ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା । ଆୟୋଜକ କୋଣାର୍କ କାଳୀପୂଜା କମିଟର ସଭାପତି ଦୁଃଶାସନ ନାୟକ, ଉପଦେଷ୍ଟା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ନୃସିଂହ ନାୟକ, ସଂପାଦକ ସୁଶାନ୍ତ ବେଉରା, କୋଷାଧକ୍ଷ ନିହାରରଞ୍ଜନ ବେଉରା, ସଭ୍ୟ ରମେଶ ଜେନାଙ୍କ ସମେତ ସମସ୍ତ ସଦସ୍ୟଙ୍କ ପ୍ରଚେଷ୍ଟାରେ ମା'ଙ୍କ ପୂଜାନୀତି ପରିଚାଳନା କରାଯାଇଛି । ଏହି ଅବସରରେ ସନ୍ଧ୍ୟାରେ ମା'ଙ୍କ ପୂଜାମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୨୬ ତାରିଖ ମଧ୍ୟାହ୍ନରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା । ଏତଦବ୍ୟତିତ କାଳୀପୂଜା ଅବସରରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ମଧ୍ୟ ନୂତନ ଖାତା ପୂଜା ଅନୁଷ୍ଠିତ ହୋଇଥିଲା । ଆଲୋକର ପର୍ବ ଦୀପାବଳୀ ଉତ୍ସବକୁ ପାଳନ କରିବା ପାଇଁ ଏଠାରେ ଥିବା ସରକାରୀ, ବେସରକାରୀ କୋଠା ଏବଂ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଆଲୋକରେ ସୁସଜ୍ଜିତ ହୋଇଥିଲା । ଶ୍ରଦ୍ଧାଳୁମାନେ ଶାନ୍ତି ଶୃଙ୍ଖଳାର ସହ ଶ୍ୟାମାକାଳୀଙ୍କୁ ପୂଜାଅର୍ଚ୍ଚନା କରିବା ସହ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା ।

# ସବୁଜ ଦୀପାବଳିର ବାର୍ତ୍ତା ଦେଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

ଖୋର୍ଦ୍ଧା (ପିଏନ୍): ଭାରତବର୍ଷରେ ଅନେକ ପର୍ବ ପାଳନ କରାଯାଇ ଥାଏ। ଉଭୟ ସାମାଜିକ ଓ ଧାର୍ମିକ ଦୃଷ୍ଟିରୁ ଦୀପାବଳି ଉତ୍ସବ ସ୍ୱତନ୍ତ୍ର। ଦୀପାବଳି ହେଉଛି ଆଲୋକର ପର୍ବ। ଦୀପାବଳିରେ ଧାଡି ଧାଡି ଦୀପ ରଖାଯାଇ ଦୀପ ପ୍ରଜ୍ୱଳିତ କରାଯାଉଥିବାରୁ ଏହାକୁ ଦୀପୋତ୍ସବ ମଧ୍ୟ କୁହାଯାଏ। ଅନ୍ଧକାରଠାରୁ ଅସତ୍ୟ, ଅନୀତିଠାରୁ ଦୂରେଇ ଏକ ସକାରାତ୍ମକ ଚିନ୍ତାଧାରା ଭାବ ପ୍ରକାଶ କରିଥାଏ ବୋଲି ଗତ ରବିବାର ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ଦୀପାବଳି ଉତ୍ସବର ମହତ୍ୱ ଶୀର୍ଷକ ଆଲୋଚନାଚକ୍ରରେ ଅନୁଷ୍ଠାନର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ଦୀପାବଳି ଉତ୍ସବର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରି କହିଲେ ଯେ, ଦୀପାବଳିରେ ମାଟି ଦୀପ ଜାଳିବାର ପରମ୍ପରା ବହୁ ପ୍ରାଚୀନ। ମାଟି ଦୀପ ଜାଳିବା ଦ୍ୱାରା ଏକ ସାତ୍ତ୍ୱିକ, ଧାର୍ମିକ ଭାବନା ଜାଗ୍ରତ କରିଥାଏ। ଆଧୁନିକତାର ସାଜସଜ୍ଜା ମଧ୍ୟରେ ବି ମାଟିଦୀପ ଅପରିବର୍ତ୍ତିତ ରହିଛି। ଏହା ପରିବେଶ ଅନୁକୂଳ ଏବଂ ଏହାଦ୍ୱାରା ମାଟି କାରିଗରଙ୍କୁ ମଧ୍ୟ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିଥାଏ। ହିନ୍ଦୁ ସଂସ୍କୃତିରେ ପ୍ରତ୍ୟେକ ପର୍ବପର୍ବାଣୀ ବିଜ୍ଞାନସମ୍ମତ ଏବଂ ପରସ୍ପର ସହ ଜଡିତ ରହିଥାଏ। ଦୀପାବଳିରେ ମାଟିଦୀପରେ ସଳିତା ଦେଇ ଜଡା, ରାଶି ତେଲ ପକାଇ ଜାଳିବା ଦ୍ୱାରା ପରିବେଶ ସନ୍ତୁଳିତ ରହିଥାଏ। ଏଣୁ ଦୀପାବଳିରେ ମାଟିଦୀପରେ ଘରକୁ ସଜାଇବା ଉଚିତ। ବାଣ ଫୁଟାଇବା ଦ୍ୱାରା କରୋନା ଅଧିକ ସଂକ୍ରମିତ ହେବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ବାଣର ଶବ୍ଦରେ ପରିବେଶ ପ୍ରଦୂଷିତ ହୋଇଥାଏ। ଏହା ପରିବର୍ତ୍ତେ ଏହି ଆଲୋକର ପର୍ବକୁ ନିଜ ପରିବାର ସହିତ ଆନନ୍ଦ ଉଲ୍ଲାସରେ ପାଳନ କରିବାକୁ ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ସଭାପତି ରଞ୍ଜିତ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟନାରାୟଣ ବିଶୋଇ, ଗୋପାଳକୃଷ୍ଣ ଦାସ, ଲଳିତମୋହନ ମହାପାତ୍ର, ଓମ ପ୍ରକାଶ ମହାନ୍ତି, ମୀନକେତନ ସୁବୁଦ୍ଧି, କ୍ଷିତିସମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଫିରିଙ୍ଗିଆ ନୂଆଁପଦର ଠାରେ ଅନୁଷ୍ଠିତ ହେଲା ମା ଶ୍ୟାମାକାଳୀଙ୍କ ଯାତ୍ରା

କନ୍ଧମାଳ ,(ପି.ଏନ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ନୁଆଁପଦର ଠାରେ ମା ଶ୍ୟାମାକାଳୀଙ୍କ ବାର୍ଷିକ ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୪ ବର୍ଷ ଧରି ଏହି ନୁଆଁପଦର ଠାରେ ମା ଙ୍କ ଏହି ପୂଜା ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ମା ଙ୍କ ପୂଜାକୁ ଧୁମଧାମ ରେ ପାଳନ କରାଯାଉଛି। ପବିତ୍ର ଦୀପାବଳୀ ଦିନ ମାଙ୍କ ଏହି ପୂଜା ଅନୁଷ୍ଠିତ ହୋଇଥିବା ବେଳେ ତିନିଦିନ ଧରି ପୂଜା ଚଳିବ। ତେବେ ପ୍ରଥମ ଦିନରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ଥିବା ମଣ୍ଡପରେ ମାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରି ପୂଜା ଆରମ୍ଭ କରାଯାଇଥିବା ବେଳେ ମାଙ୍କ ପୂଜା ପାଇଁ ଅନୁଷ୍ଠିତ ଯାତ୍ରା ର ମଧ ଉଦ୍ଘାଟନି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଯାତ୍ରା ପରିଚାଳନା ପାଇଁ ଯୁବକ ସଙ୍ଘ ଗଠନ କରାଯାଇ ଯାତ୍ରା ପରିଚାଳନା ର ଦାୟିତ୍ୱ ଦିଆଯାଇଥିବା ବେଳେ ଯୁବକ ସଙ୍ଘ ର ସଭାପତି କାମାକ୍ଷାପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଯାତ୍ରା ର ସଂସ୍କୃତିକ କାର୍ଯ୍ୟକ୍ରମ ର ଉଦ୍ଘାଟନୀ ଉତ୍ସବ ରେ ପୂର୍ବତନ ଯୋଜନା ସମନ୍ୱୟ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ପୂର୍ବତନ ଫିରିଙ୍ଗିଆ ବ୍ଲକ ଅଧକ୍ଷ ଲାଲନନ୍ଦ ପ୍ରଧାନ,ବର୍ତମାନ ବ୍ଲକ ଅଧକ୍ଷା ଙ୍କ ପ୍ରତିନିଧି ଆମର କହଁର,ବରିଷ୍ଠ ଶିକ୍ଷାବିତ ଗୟାଧର ଡିଗାଲ,କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି ତଥା ଜିଲ୍ଲା ପାଣକୁଳ ସମାଜ ସଭାପତି ଅନାମ କୁମାର ନାୟକ,ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ବିଷ୍ଣୁଚରଣ ମଲ୍ଲିକ,ସମାଜସେବୀ ମୀନକେତନ ସାହୁ, ନୂଆପଦର ସରପଞ୍ଚ ଭବାନୀ ଶଙ୍କର କହଁର, ଡ଼ିମିରିଗୁଡା ସରପଞ୍ଚ ମନୋଜ କହଁର, ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ବେହେରା,ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଙ୍କ ସହ ଅଂଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ କୁ ଯୁବକ ସଙ୍ଘ ର ଉପସଭାପତି ତଥା ବିଜେପି ନେତା ରଘୁପତି କହଁର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଯାତ୍ରା ର ଉଦ୍ଘାଟନୀ ଉତ୍ସବ ରେ ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ କଳା ବିଭାଗ ଦ୍ୱାରା ଅନୁମୋଦିତ ବଲାଙ୍ଗୀର ଜିଲ୍ଲା ର ବର୍ଣାଳୀ କଳା ବିକାଶ କେନ୍ଦ୍ର ର କଳାକାର ମାନଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ପରିବେଷଣ ହୋଇ ଥିବା ବେଳେ ପରେ ଓଡ଼ିଶାର ଜଣା ଶୁଣା କଣ୍ଠଶିଳ୍ପୀ ରକ ଷ୍ଟାର ରୁକୁ ସୁନା ଓ ତାଙ୍କ ସାଥି କଳାକାର ମାନଙ୍କ ଦ୍ୱାରା ସମ୍ବଲପୁରୀ ଅରକେଷ୍ଟା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦେଖିବାପାଇଁ ଯାତ୍ରା ପଡିଆରେ ହଜାରହଜାର ଦର୍ଶକ ଙ୍କ ଭିଡ ଜମିଥିଲା । ଅନ୍ୟପଟେ କାର୍ଯ୍ୟ କ୍ରମ ଅବସରରେ ଯୁବକ ସଂଘ ଓ ପୂଜା କମିଟି ତରଫରୁ ସମସ୍ତ ଅତିଥି ମନଙ୍କୁ ମଞ୍ଚ ଉପରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ରେ ଯୁବକ ସଂଘ ଓ ପୂଜା କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଫିରିଙ୍ଗିଆ ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟପକ ବ୍ୟବସ୍ଥା କରାଯାଇଥିଲା। ଅନ୍ୟପଟେ ଫିରିଙ୍ଗିଆ ବ୍ଲକ ରେ ମାଙ୍କ ଏହି ଯାତ୍ରା ଏକମାତ୍ର ଯାତ୍ରା ହୋଇଥିବା ବେଳେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଦର୍ଶକ ମାନଙ୍କ ଭିଡ଼ ଜମିବାରେ ଲାଗିଛି। ଯାତ୍ରା ରେ ମିନବଜାର ସହ ତିନିଦିନ ଧରି ଦିନରାତି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ସଡକ ଦୁର୍ଘଟଣା ଘଟି ଦୀପାବଳିରେ ଲିଭିଗଲା ୨ ଜୀବନ ଦୀପ

ଭଦ୍ରକ,(ପି.ଏନ): କାଳୀପୂଜା ଓ ଦୀପାବଳି ପରିବାର ଲୋକେ ପାଳୁଥିବାବେଳେ ଏପଟେ ସଡକ ଦୁର୍ଘଟଣାରେ ଚାଲିଗଲା ଦୁଇ ପରିବାରଙ୍କ ଦୁଇଟି ଭେଣ୍ଡିଆ ପୁଅର ଜୀବନ। ସୂଚନା ଅନୁସାରେ ଖଣ୍ଡାୟତ ପଂଚାୟତର ଜୟପ୍ରକାଶ ପ୍ରଧାନ ମୁମ୍ବାଇରେ ରହି ଇଂଜିନିୟରିଂ ପଢୁଥିଲେ। ଦୀପାବଳି ଅବସରରେ ଘରକୁ ଆସିବା ପାଇଁ ମୁମ୍ବାଇରୁ ବିମାନ ଯୋଗେ ଭୁବନେଶ୍ୱରରେ ପହଂଚିଥିଲେ। ଏବଂ ଭୁବନେଶ୍ୱରରେ ପହଂଚିବା ପରେ ସେ ଘରକୁ ଫୋନ୍ ଯୋଗେ 'ମା' ମୁଁ ଭୁବନେଶ୍ୱରରେ ପହଂଚିଗଲିଣି, ଆଉ ଅଳ୍ପ ସମୟ ଲାଗିବ ଘରେ ପହଂଚିବାକୁ। ମୋ ପାଇଁ ଖାଇବ ରଖିବନାହିଁ, ମୁଁ ହୋଟେଲରେ ଖାଇକରି ଯିବି। ଆଉ ଗଲାବେଳେ ଏଠାରୁ ବାଣ କିଣିନେବି, ଘରେ ଦୀପାବଳି ପାଳିବା। ମୋ ସାଙ୍ଗ ହାତୀସାହିର ମୀନକେତନ ବିନ୍ଧାଣୀ ତା ବୁଲେଟ୍ ନେଇ ଆସିଗଲାଣି, ଆଉ ୨ ଘଂଟା ମଧ୍ୟରେ ଘରେ ପହଂଚିବି, ମୋ ପାଇଁ ଚିନ୍ତା କରନି, ମୁଁ ଘରକୁ ଗଲେ କଥାହେବି' ବୋଲି ଜୟପ୍ରକାଶ ତାର ମା'କୁ କହିଥିଲା। ଜୟପ୍ରକାଶ ତା ସାଙ୍ଗ ମୀନକେତନ ସହ ବୁଲେଟ୍‌ରେ ବସି ଭୁବନେଶ୍ୱରରୁ ଘରକୁ ଆସୁଥିବ ସମୟରେ ଭଦ୍ରକର ଗେଲପୁର ଛକ ନିକଟରେ ଏକ କଂଟେନର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ଜୀବନ ଚାଲିଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଟାୟାର ଜାଳି ରାସ୍ତାରୋକ କରିଥିବାବେଳେ ଡିବିଏଲ୍ କଂପାନୀର ମନମୁଖୀ କାର୍ଯ୍ୟ ପାଇଁ ୨ଟି ଶିକ୍ଷିତ ଯୁବକଙ୍କ ଜୀବନ ଚାଲିଯାଇଥିବାର କହିଛନ୍ତି। ସେଠାରେ ଟାଉନ୍ ଥାନାଧିକାରୀ ଉମାଶଙ୍କର ନାୟକ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏହି ଘଟଣାରେ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ବନ୍ଧୁଙ୍କ ଜୀବନ ଦୀପ ଲିଭିଯାଇଥିବାରୁ ଭଦ୍ରକ ଜିଲାରେ ଏକ ଶୋକର ଛାୟା ଖେଳିଯାଇଛି।

# ରକ୍ତମୁଖା ହେଲେ ଲାଲ ବାହିନୀ,ଠିକା କମ୍ପାନୀର ଟ୍ରାକ୍ଟର ଜେସିବି ପୋଡିଲେ, ଗଣମାଧ୍ୟମକୁ ପ୍ରେସ ବିଜ୍ଞପ୍ତିରେ ଦେଲେ ସୂଚନା

କନ୍ଧମାଳ,(ପି.ଏନ):ରକ୍ତମୁଖା ଲାଲବାହିନୀ, ଗତକାଲି ପୋଲିସ ଖବରଦାତା ସନ୍ଦେହ ରେ ଗୁଳି କରି ହତ୍ୟା ପରେ ପୁଣି ଠିକା କ୍ୟାମ୍ପ ରେ ପୋଡିଲେ ୫ ଗାଡି। ବାଲିଗୁଡା ଥାନା ଜାର୍ଗୀ ଗ୍ରାମ ନିକଟରେ ନିୟୋଜିତ ଠିକା କ୍ୟାମ୍ପ ରେ ଦୁଇଟି ଟ୍ରାକ୍ଟର, ଦୁଇଟି ମିକ୍ସଚର ମେସିନ, ଗୋଟିଏ ଜେସିବି ଗାଡି ପୋଡିଲେ ମାଓବାଦୀ। ବାଲିଗୁଡା ଥାନା କଟେରୀଭଟ୍ଟା ରୁ ପିପାଲି ଯାଇଁ ଚାଲିଥିବା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା କାମ ରେ ନିୟୋଜିତ ଗାଡିକୁ ନିଆଁ ଲଗାଇ ପୋଡି ଦେଇଛନ୍ତି ମାଓବାଦୀ। ଗତକାଲି ରାତିରେ ୨୫ ରୁ ୩୦ ସଶସ୍ତ୍ର କେ କେ ବି ଏନ ମାଓବାଦୀ କ୍ୟାମ୍ପ କୁ ଆସି ହିଂସାକାଣ୍ଡ ଭିଆଇଛନ୍ତି ।ଗାଡି ପୋଡିବା ପରେ କେ କେ ବି ଏନ ମାଓବାଦୀ ପକ୍ଷରୁ ଲାଲ ବେନର ଓ ପୋଷ୍ଟର ଛାଡିଲେ ମାଓବାଦୀ। ଗତକାଲି ବାଲିଗୁଡା ଥାନା ଟୁପୁଡି ଗାଁ ରେ ପୋଲିସ ଇନର୍ଫର୍ମର ସନ୍ଦେହ ରେ ନୀଳକଣ୍ଠ ମଳିକ କୁ ଗୁଳିକରି ହତ୍ୟା କରିଥିଲେ ମାଓବାଦୀ। ଗତ ୧୧ ତାରିଖ ରେ ବାଲିଗୁଡା ଥାନା କୁନାସାଲୁ ଜଙ୍ଗଲ ରେ ହୋଇଥିବା ଏନକାଉଣ୍ଟର କୁ ନୀଳକଣ୍ଠ ମଲ୍ଲିକ ପୋଲିସ କୁ ସୂଚନା ଦେବା ଯୋଗୁଁ, ପୋଲିସ ଏନକାଉଣ୍ଟରରେ କେକେବିଏନ ଡିଭିଜନ ର, କମ୍ରେଡ ପୋୟମ ପାଣ୍ଡର ମୃତ୍ୟୁ ଘଟଣା ପାଇଁ ପ୍ରଜାକୋର୍ଟ ରେ ନୀଳକଣ୍ଠ ମଲ୍ଲିକ କୁ ମୃତ୍ୟୁ ଦଣ୍ଡ ଦିଆଯାଇଥିବା କେ କେ ବି ଏନ ମାଓବାଦୀ ପକ୍ଷରୁ ଲାଲ ବେନର ଓ ହାତଲେଖା ପୋଷ୍ଟର ଜରିଆରେ ସ୍ପଷ୍ଟ କରିଛି ଲାଲ ବାହିନୀ।

## ବାଉଁଶ ତିଆରି ହସ୍ତଶିଳ୍ପକୁ ବଂଚାଇବା ସହିତ ରୋଜଗାର ଯୋଗାଣ ଦିଗରେ ସ୍ୱୟଂ ସହାୟକ ଗୋଷ୍ଠୀ ଶିକର

ବଲାଙ୍ଗୀର ,(ପି.ଏନ): ପୁରାତନ କାଳରୁ ପ୍ରଚଳିତ ବାଉଁଶ ରେ ନିର୍ମାଣ କରାଯାଉଥିବା ହସ୍ତଶିଳ୍ପକୁ ବଂଚାଇ ରଖିବା ଓ ଆଜିର ପ୍ଲାଷ୍ଟିକ ଯୁଗରେ ସବୁ ଗୃହ ଉପକରଣ ମିଳୁଥିବାବେଳେ ଏହିସବୁ ଜିନିଷ ର ବିଶେଷ ଚାହିଦା ରହିଛି. ବନ ବିଭାଗ ଅନ୍ତର୍ଗତ ଟିଟିଲାଗଡ଼ ବନ ପରିଚାଳନା ୟୁନିଟ ଅନ୍ତର୍ଗତ ଶିକର ବନ ସୁରକ୍ଷା ସମିତି ମାଧମରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବାଉଁଶରେ କିସମ କିସମ ର ସୁସଜ୍ଜିତ ହସ୍ତ ନିର୍ମାଣ ଗୃହ ଉପକରଣ ନିର୍ମିତ ଡାଲା, କୁଲା, ବିଂଚଣା(ହାତ ପଙ୍ଖା) ପାଛିଆ ନିର୍ମାଣ ପାଇଁ ମିସନ ଶକ୍ତି ଓ ଆମ ଜଙ୍ଗଲ ଯୋଜନାର ସହାୟତାରେ ଏହି ଅଂଚଳର ୧୫ରୁ ଅଧିକ ପରିବାରକୁ ରୋଜଗାର ଦେବା ସହିତ ତାକୁ ବିକ୍ରିକରି ବେଶ୍ ଅର୍ଥ ଉପାର୍ଜନର ସ୍ରୋତ ସୃଷ୍ଟି କରି ପାରିଛି ଓ ବଜାରରେ ମିଳୁଥିବା ପ୍ଲାଷ୍ଟିକ୍ ଜିନିଷ ତୁଳନାରେ ଅନେକ ପ୍ରତିବନ୍ଧକ ଯେପରି ବାଁଉଶ ର ଦରବୃଦ୍ଧି ଅଧିକ ସମୟରେ କମ ଜିନିଷ ତିଆରି ଯୋଗୁଁ ଏହି ସବୁ ଅଧିକ ଦର ରେ ବିକ୍ରି ପାଇଁ ବାଧ୍ୟ ହେଉଥିଲେ ମଧ ନିର୍ମାଣ ଶୈଳୀରେ ପରିବର୍ତନ ଓ ତାକୁ ପୂର୍ବ ପେକ୍ଷା ଅଧିକ ସଜ୍ଜିତ ଯୋଗୁଁ ଏହାର ବିଶେଷ ଚାହିଦା ରହିଛି ଓ ଏହି କାମରେଥିବା ନିର୍ମାଣକାରୀମାନେ ବେଶ୍ ରୋଜଗାର ପନ୍ଥା ପାଇଥିବାବେଳେ ସେମାନଙ୍କ ପରିବାରର ସହାୟକ ହୋଇ ପାରିଛନ୍ତି।

# ମା ଭଦ୍ରକାଳୀଙ୍କ ବେଦମାତା ଓ ମହାକାଳୀ ବେଶ

ଭଦ୍ରକ, (ପି.ଏନ); ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ସପ୍ତମାତୃକା ବେଶର ପ୍ରଥମ ଦିନରେ ମା'ଙ୍କର ବେଦମାତା ବେଶ ସହିତ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ ହୋଇଛି। ସକାଳଠାରୁ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ଧାଡ଼ିବାନ୍ଧି ଭକ୍ତମାନେ ଧୂପ, ଦୀପ ଦେଇ ମା'ଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ବେଦମାତା ବେଶରେ ମା'ଙ୍କର ମୁଖମଣ୍ଡଳ ହଳଦୀ ବର୍ଣ୍ଣ ଥିବା ବେଳେ ମା' ହଳଦିଆ ପାଟବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ହଂସ ବାହନରେ ପଦ୍ମାସନରେ ବିରାଜମାନ କରି ମା' ଉପର ହସ୍ତ ଯୁଗଳରେ ଜପାମାଳୀ ଓ ତଳ ହସ୍ତ ଯୁଗଳରେ କମଣ୍ଡଳୁ ଓ ପଦ୍ମ ଧାରଣ କରି ଭକ୍ତମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସକାଳ ୯ ଘଟିକା ସମୟରେ ମନ୍ଦିର ମଧ୍ୟରୁ ମାନସିକଧାରୀ ଭକ୍ତମାନେ ବାଦ୍ୟ, ନୃତ୍ୟ ଓ ଆତସବାଜୀ ସହ ଏକ ବିରାଟ ପଟୁଆରରେ କଳସ ଶୋଭାଯାତ୍ରାରେ ବାହାରିଥିଲେ। ପବିତ୍ର ସାଳନ୍ଦୀ ନଦୀର ଆହାରପଦା ଘାଟରୁ ମାନସିକ ଧାରୀ ଭକ୍ତମାନେ ଜଳ ଉଠାଇ ମନ୍ଦିର ଯଜ୍ଞ ମଣ୍ଡପ ଚତୁର୍ପାର୍ଶ୍ୱରେ ପରିକ୍ରମା କରିବା ପରେ କଳସ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ବିଶ୍ୱଶାନ୍ତି ଯଜ୍ଞର ଶୁଭାରମ୍ଭ ପୂର୍ବରୁ ମନ୍ଦିରରେ ସୂର୍ଯ୍ୟପୂଜା, ଗୁରୁପୂଜା, ପଂଚ ଦେବତା ପୂଜା ଓ ମଙ୍ଗଳ ଆଳତୀ ପରେ ବେଦ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦାନରେ ଯଜ୍ଞର ଶୁଭାରମ୍ଭ ଅବସରରେ ହଜାର ହଜାର ଭକ୍ତମାନଙ୍କୁ ମନ୍ଦିର ପ୍ରଶାସନ ତରଫରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହପରି ସପ୍ତମାତୃକା ବେଶର ଦ୍ୱିତୀୟ ଦିନରେ ସୂର୍ଯ୍ୟ ପରାଗ ପାଇଁ ମା'ଙ୍କର ପହଡ଼ ବନ୍ଦ ରହିଥିଲା। ସନ୍ଧ୍ୟା ପରେ ମା'ଙ୍କର ମହାକାଳୀ ବେଶକୁ ଦର୍ଶନ କରିବା ପାଇଁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା। ମା' ଭଦ୍ରକାଳୀ କୋଳରେ ବାଳଗୋପାଳଙ୍କୁ ଧାରଣ କରି ସ୍ନେହମୟୀ ଶାନ୍ତା ହେଲେ ମଧ ବର୍ଷକରେ ଥରଟିଏ ଏହି ଅମାବାସ୍ୟା ସମୟରେ ଗୋଟିଏ ଦିନ ଉଗ୍ରରୂପ ଧାରଣ କରିଥାନ୍ତି। ମହାକାଳୀ ବେଶରେ ମା' ମୁକ୍ତକେଶା, ରକ୍ତଜିହ୍ୱା, ମୁଣ୍ଡମାଳ ଓ ଖଡ଼୍‌ଗ ଧାରଣ କରି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପାପୀ ଓ ଅଧର୍ମୀଙ୍କୁ ଧର୍ମ ମାର୍ଗରେ ପରିଚାଳିତ ହେବା ପାଇଁ ବାର୍ତା ଦେଇଥାନ୍ତି। ଆସନ୍ତାକାଲି ମା'ଙ୍କର ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହେବ।

# ବଲାଙ୍ଗିର ପୌର ପରିଷଦ ଅଧକ୍ଷା ଲିକା ସାହୁଙ୍କ ନଟରାଜ କଳା ପରିଷଦର ନାଟକ ପ୍ରସ୍ତୁତି ସ୍ଥଳକୁ ସୌଜନ୍ୟମୂଳକ ପରିଦର୍ଶନ

ବଲାଙ୍ଗୀର, (ପି.ଏନ): ନଟରାଜ କଳା ପରିଷଦ ତାର ରଜତ ଜୟନ୍ତି ଉତ୍ସବ ପାଳନ ଅବସରରେ ଆଗାମୀ ନଭେମ୍ବର ୧୮,୧୯ ଓ ୨୦ ତାରିଖରେ ୬ଟି ନାଟକ ପ୍ରଦର୍ଶନ କରିବାକୁ ଯାଉଛି ଓ ତାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବା ସୂଚିତ ହୋଇ ବଲାଙ୍ଗିର ପୌର ପରିଷଦର ଅଧକ୍ଷା ଲିକା ସାହୁ ସ୍ୱତସ୍ଫୁର୍ତ ଭାବରେ ନାଟକର ରିହାରସିଆଲ ସ୍ଥଳ ( କଳାମଣ୍ଡଳ ପଡିଆ ସ୍ଥିତ ପୁରୁଣା ମଂଚ)କୁ ସୌଜନ୍ୟମୂଳକ ପରିଦର୍ଶନରେ ଆସି ପହଂଚି ଥିଲେ । ତାଙ୍କର ଏପରି ଉପସ୍ଥିତି ନିର୍ଦ୍ଦେଶକ ତଥା କଳାକାରମାନଙ୍କ ମନରେ ଖୁସିର ଲହରି ଖେଳାଇ ଦେଇଥିଲା ।ଅନୁଷ୍ଠାନର ସଦସ୍ୟ ଧିରାଜ ବେଜ୍ ସ୍ୱାଗତ ଭାଷଣ ରଖିଥିବା ବେଳେ ନିର୍ଦ୍ଦେଶକ ଅଧାପକ ପ୍ରଶାନ୍ତ ଖମାରୀ ନଟରାଜ କଳା ପରିଷଦର ଗଠନ ଦିନ ଠାରୁ ଆଜି ପର୍ଯ୍ୟନ୍ତ ସଂପାଦିତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ଅନୁଷ୍ଠାନର ଆବାହକ ରାମ ପ୍ରସାଦ ଦାଶ ଓ ସଂପାଦକ ପ୍ରହଲ୍ଲାଦ ଦର୍ଜୀ ନଟରାଜ କଳାପରିଷଦର ସାଂଗଠାନିକ ଭିତିଭୂମି ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନ ର ସଦସ୍ୟ ଜ୍ୟୋତି ରଂଜନ ବେଦବାକ୍ ଙ୍କ ଅନୁରୋଧ କ୍ରମେ ପୌରାଧକ୍ଷା ଲିକା ସାହୁ ଉପସ୍ଥିତ କଳାକାରମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ, ସେ ଜଣେ କଳାପ୍ରେମୀ, କଳା ଓ କଳାକାରମାନଙ୍କୁ ସେ ବହୁତ ଭଲ ପାଆନ୍ତି । ନଟରାଜ କଳା ପରିଷଦ ଏକାଥରକେ ୬ଟି ନାଟକ ପ୍ରସ୍ତୁତ କରୁଥିବା ଜାଣି ଲୋଭ ସମ୍ବରଣ କରି ନ ପାରି ଓ କଳାକାରମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସେ ରିହରସିଆଲ ସ୍ଥଳକୁ ଆସିଛନ୍ତି । ବଲାଙ୍ଗିର ମ୍ୟୁନିସିପାଲିଟିରୁ ଓ ବ୍ୟକ୍ତିଗତ ଭାବେ ତାଙ୍କ ଠାରୁ ବି ନଟରାଜ କଳାପରିଷଦ ଯାହାବି ସାହାଯ୍ୟ ସହଯୋଗ ଲୋଡିବ ତାକୁ ଅକୁଣ୍ଠିତ ଚିତରେ ପ୍ରଦାନ କରିବାକୁ ଘୋଷଣା କରିଥିଲେ । ଶ୍ରୀମତୀ ସାହୁ କଳାକାରମାନଙ୍କ ଗହଣରେ କିଛି ସମୟ ବିତାଇ ରିହରସିଆଲକୁ ଉପଭୋଗ କରିଥିଲେ । ନାଟକ ଗୁଡିକର ସଫଳତା କାମନା କରିବା ସହିତ ତିନି ଦିନ ଯାକ ନିଜେ ଉପସ୍ଥିତ ରହି ନାଟକ ଉପଭୋଗ କରିବାକୁ ମଧ ଘୋଷଣା କରିଥିଲେ । ଅନୁଷ୍ଠାନ ତରଫରୁ କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତ କଂରେଟରେ ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା ,(ପି.ଏନ): କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ ଅଧମୁଣ୍ଡା ଗ୍ରାମର ଜଣେ ଭେଣ୍ଡିଆ ଯୁବକ ଇଲେକଟ୍ରି ସଟରେ ତାଙ୍କର ମୃତୁ ଘଟିଛି। ଉକ୍ତ ବ୍ୟକ୍ତି ହେଉଛନ୍ତି ଅଧମୁଣ୍ଡା ଗ୍ରାମର, ଲକ୍ଷ୍ମଣ ଗୌଡ ବୟସ (୨୪) ବାପା, ଗଜ ଗୌଡ, ସକାଳ ପାହାନ୍ତିଆ ସମୟରେ ସେ ମର୍ନିଙ୍ଗ ୱାର୍କ ସାରି ଘରକୁ ଫେରି ବା ସମୟରେ ତାଙ୍କ ଘରକୁ ଯିବା ସମୟରେ କୁକୁର ଚାରୋଟି ଦୌଡ଼ି ଆସିବାରୁ ସେ ସାଇଟ୍ ହେବା ସମୟରେ ହଠାତ୍ ଟ୍ରାସଫାର୍ମର ଲାଇନ କରେଂଟରେ ଲାଗିଯାଇ ଥିବାରୁ ସେ ତଳେ ପଡ଼ି ଯାଇଥିଲେ। ତାପରେ ସ୍ଥାନୀୟ ଲୋକେ ତାଙ୍କ ପରିବାର ଲୋକଙ୍କୁ ଜଣାଇ ଥିଲେ । ପରେ ଉକ୍ତ ବ୍ୟକ୍ତିକୁ ପା ଷ୍ଟିକୁଡି ଡାକ୍ତର ଖାନ କୁ ଚିକିତ୍ସା ପାଇଁ ଆଣିଥିଲେ ପରେ ଡାକ୍ତର ତାଙ୍କୁ ଦେଖି ମୃତ ଘୋଷଣା କରିଥିଲେ। ପରେ ଡାକ୍ତର ଭବାନୀପାଟଣା ସଦର ଥାନା ପୋଲିସକୁ ଜଣାଇ ଥିଲେ। ଖବର ପାଇଁ ସଦର ଥାନା ପୋଲିସ ପହଂଚି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ମୃତ ବ୍ୟକ୍ତି ଙ୍କୁ ପୋଷ୍ଟମଟମ ପାଇଁ ଭବାନୀପାଟଣା ମୁଖ୍ୟ ଡ଼ାକ୍ତରଖାନାକୁ ପଠାଇ ଥିଲେ ।ଉକ୍ତ ଗ୍ରାମ ବାସି ତଥା ଅଭିଯୋଗ ଆଣିଛନ୍ତି । ଟ୍ରାସଫର୍ମର କୁ ବାଡା ବା ସ୍ଥାନାନ୍ତର ପାଇଁ ଇଲେକ୍ଟ୍ରିକାଲ ବିଭାଗ କୁ ଅନେକ ସମୟରେ ଅଭିଯୋଗ କରିଛନ୍ତି । କିନ୍ତୁ ଇଲେଟ୍ରି ଡିପାଟ ମେଂଟ କର୍ଣ୍ଣପାତ କରୁନାହାନ୍ତି। ବର୍ତମାନ ଆଗରୁ ଅନେକ ଘଟଣା ହେଇଛି ଏବଂ ଏହି ମୃତୁ ଘଟିଛି ଏହାର ଦାଇ ଇଲେଟ୍ରିବିଭାଗକୁ ମୃତ ପରିବାର ଓ ଗ୍ରାମ ବାସି ନିନ୍ଦା କରିଛନ୍ତି ଓ ଯଦି ମୃତ ପରିବାରଙ୍କୁ କିଛି ସାହାଯ୍ୟ ସହଯୋଗ ନ ଯୋଗାଇ ଦିଅନ୍ତି ତା ହେଲେ ନିଶ୍ଚୟ ରାଜ ରାସ୍ତା ରୋକ କରିବୁ ବୋଲି ପ୍ରଶାସନ କୁ ଚେତାବନୀ ଦେଇଛନ୍ତି। ରାଜରାସ୍ତା ପର୍ଶ୍ଵିକୁଡ଼ି ଛକଠାରେ ରାସ୍ତା ରୋକ କରିଥିଲେ ।

# ପୁରୀ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ପେସିଆଲ ଡ୍ରାଇଭ କାର୍ଯ୍ୟକ୍ରମ

ପୁରୀ,(ପି.ଏନ): ରାଜ୍ୟ ପରିବହନ ବିଭାଗ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଓ ପୁରୀ ଜ଼ିଲ୍ଲାପାଳ ସମର୍ଥ ବର୍ମା ଓ ଏସପି. ଡଃ କନୱର ବିଶାଲ ସିଂ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଜ଼ିଲ୍ଲା ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପୁରୀ ବାସେଲୀ ସାହି ଓ ସଦର ଥାନା ଛକ ସମେତ ସହର ର ବିଭିନ୍ନ ଛକ ମାନଙ୍କ ରେ ସ୍ପେସିଆଲ ଡ୍ରାଇଭ କାର୍ଯ୍ୟକ୍ରମ ରେ ଶହ ଶହ ଗାଡି ମୋଟର ଯାଞ୍ଚ କରାଯାଇଥିଲା । ଚଳିତ ମାସ ୧୮ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସ୍ପେସିଆଲ ଡ୍ରାଇଭ ଅଭିଯାନ ରେ ଗାଡି ଚାଳକ ଙ୍କ ଡ଼ିଏଲ, ସିଟ ବେଲ୍ଟ, ହେଲମେଟ ଚେକିଂ କରାଯାଇ ନଅ ଗୋଟି ଗାଡି ଜବତ, ୨୫୩ ଜଣ ଙ୍କ ନାଁ ରେ ଇ -ଚାଲାଣ କରାଯାଇ ସମୁଦାୟ ୧୮ ଲକ୍ଷ ୬ ହଜାର ୫୯୩ ଟଙ୍କା ଜୋରିମାନା କରାଯାଇଥିଲା । ଅନେକ ଡ଼ିଏଲ କୁ ବାତିଲ କରାଯାଇ ଗାଡି ଚାଳକ ନାଁ ରେ ବିଭିନ୍ନ ମାମଲା ରୁଜୁ ହୋଇଛି । ସହର ତଥା ଜ଼ିଲ୍ଲା ରେ ଦୁର୍ଘଟଣା ହାର ଓ ମୃତ୍ୟୁ ହାର ବୃଦ୍ଧି ପାଇଥିବାରୁ ଜ଼ିଲ୍ଲା ର ବୃହତ୍ତର ସ୍ୱାର୍ଥ ଦୃଷ୍ଟି ରୁ ସାଧାରଣ ଲୋକ ଓ ପର୍ଯ୍ୟଟକ ଙ୍କ ଧନ ଜୀବନ ସୁରକ୍ଷା ଲାଗି ଆଗକୁ ଏ ଅଭିଯାନ କୁ ଆହୁରି କଡାକଡି କରାଯିବ । ଲୋକେ ଯେମିତି ଅଯଥା ରେ ଦଶ ହଜାର, ପନ୍ଦର ହଜାର ଟଙ୍କା ଫାଇନ ନ ଦେବେ, ନିଶା ଗ୍ରସ୍ତ ଅବସ୍ଥା ରେ ଗାଡି ନ ଚଳାଇବାକୁ, ଟ୍ରାଫିକ ନିୟମ କୁ ଶୃଙ୍ଖଳା ର ସହିତ ମାନିବାକୁ ଓ ଜ଼ିଲ୍ଲା ରେ ଦୁର୍ଘଟଣା ମୃତ୍ୟୁ ହାର କୁ କିଭଳି ରୋକା ଯାଇ ପାରିବ ଏଥିପାଇଁ ପୁରୀ ଜ଼ିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ସହର ତଥା ଜ଼ିଲ୍ଲା ବାସୀ ଙ୍କୁ ନିବେଦନ କରିଛନ୍ତି । ଏ ନେଇ ସହର ତଥା ଜ଼ିଲ୍ଲା ର ବିଭିନ୍ନ ସ୍କୁଲ କଲେଜ ଛାତ୍ର ଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୋଲିସ ସହାୟତା ରେ ଆହୁରି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଆରଟିଓ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।ଏଇ ଅଭିଯାନ ରେ ଆରଟିଓ ଶ୍ରୀ ପଟ୍ଟନାୟକ ଙ୍କ ସମେତ ଏମ ଭିଆଇ, ଆସିଷ୍ଟାଣ୍ଟ ଏମଭିଆଇ, ଟି ଆଇ ଓ ବିଭିନ୍ନ ପୋଲିସ ଅଧିକାରୀ ପ୍ରମୁଖ ଉଭୟ ବିଭାଗ ର ବିଭିନ୍ନ ଅଧିକାରୀ କର୍ମଚାରୀ ସାମିଲ ଥିଲେ ।

# ସଟସର୍କିଟ ଯୋଗୁଁ ଜଳିଗଲା ଦୋକାନ

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା କାଲିମେଲା ବସଷ୍ଟାଣ୍ଡ ନିକଟରେ ଏକ ଦୋକାନ ଗୃହ ଗତ କାଲି ରାତିରେ ହଠାତ ଜଳିଉଠିଥିଲା !ପ୍ରକାଶ ଥାଉକି ଏମ ପି ଭି -୬୮ଗ୍ରାମର ଶୁଭଙ୍କର ମୈତ୍ର ଏବଂ ତାଙ୍କ ପତ୍ନୀ ରିଙ୍କୁ ମୈତ୍ର ଦୀର୍ଘ ଦିନ ଧରି କାଲିମେଲା ବସଷ୍ଟାଣ୍ଡ ନିକଟରେ ଏକ କେଭିନ ପକାଇ ସେଥିରେ ଜଳଖିଆ ତିଆରି କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ !ଗତକାଲି ଦୀପାବଳି ଥିବାରୁ ପତି ପତ୍ନୀ ଦୁହେଁ ସଂଧ୍ୟା ସମୟରେ ଦୋକାନ ବନ୍ଦ କରି ନିଜର ଘରକୁ ଚାଲିଯାଇଥିଲେ ! ପ୍ରାୟ ରାତି ୮ଟା ସମୟରେ ତାଙ୍କର ଦୋକାନ ଗୃହ ଜଳିବାକୁ ଆରମ୍ଭ କରିଥିଲା ,ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଲୋକମାନେ ଅଗ୍ନିଶ ମ ବିଭାଗ କୁ ଖବର ଦେବାରୁ ସେମାନେ ଆସି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ନିଆଁ ଲିଭାଇ ଥିଲେ !ଉକ୍ତ ଦୋକାନରେ ଏକ ଗ୍ୟାସ,ଫ୍ରିଜ,ଦୁଇଟି ଗ୍ରାଇଂଡର,ମୃଦୁ ପାନୀୟ ଯାହାର ମୂଲ୍ୟ ପାଖାପାଖି ୨୦,୦୦୦ ଟଙ୍କା, ପାସପୋର୍ଟ, ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର,ନଗଦ ୧୦,୦୦୦ଟଙ୍କା ସଂପୂର୍ଣ୍ଣ ରୂପେ ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି ବୋଲି ଶୁଭଙ୍କ ର ପ୍ରକାଶ କରିଛନ୍ତି ! ଜଣେ ଗରିବ ପିଲା ହୋଇଥିବାରୁ ଏହି ଘଟଣା କୁ ନେଇ ସଂପୂର୍ଣ୍ଣ ଭାବରେ ସେ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି ! ପ୍ରଶାସନ ତରଫରୁ ତାଙ୍କୁ କିଛି ସାହାଯ୍ୟ ମିଳିଲେ ସେ ଆଉଥରେ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିପାରିବେ ବୋଲି ପ୍ରକାଶ କରିଛନ୍ତି,ସଟସର୍କିଟ ଯୋଗୁଁ ନିଆଁ ଲାଗି ଥିବ ବୋଲି ଶୁଭଂକର ପ୍ରକାଶ କରିଛନ୍ତି !

# କୁରସୁଡ ଗ୍ରାମରେ ବ୍ରହ୍ମାକୁମାରୀ ପକ୍ଷରୁ ଦୀପାବଳି ଉତ୍ସବ ପାଳନ

ବଲାଙ୍ଗିର, (ପି.ଏନ): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ କୁରସୁଡ ଗ୍ରାମରେ ବ୍ରହ୍ମାକୁମାରୀ ପକ୍ଷରୁ ଦୀପାବଳି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମାନବ ଜୀବନରେ ଶ୍ରେଷ୍ଠ ଚରିତ୍ର ନିର୍ମାଣ ପାଇଁ ନିଜ ଭିତରେ ଥିବା କାମ, କ୍ରୋଧ, ଲୋଭ, ମୋହ, ଅହଂକାରରୁ ଦୂରେଇ ଏକ ସଂସ୍କାରୀତ ଜୀବନ ଯାପନ କରାଯାଇ ପାରିବ ବୋଲି ବ୍ରହ୍ମାକୁମାରୀର ଭଉଣୀ ମାନେ ପ୍ରକାଶ କରିଥିଲେ। ବ୍ରହ୍ମାକୁମାରୀ ଗୀତାପାଠଶାଳାର ସଂଚାଳିକା ସୁରଭୀ ଭଉଣୀ ଦୀପାବଳିର ଆଧ୍ୟାତ୍ମିକ ରହସ୍ୟ ଉଦଘାଟନ କରିବା ସହ ଆମ ମନ ଭିତରେ ଥିବା ଅଜ୍ଞାନ ଅନ୍ଧକାରକୁ ଦୂରକରି ଜ୍ଞାନର ଆଲୋକ ନିଜ ଆତ୍ମାକୁ ଜାଗ୍ରତ କରିବା ହିଁ ସତ୍ୟ ଦୀପାବଳି ଉତ୍ସବ ପାଳନ ହେବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡିଶା ପ୍ରାନ୍ତୀୟ ଜୈନ ଶ୍ୱେତାମ୍ବର ତେରାପନ୍ଥ ସଭାର ଅଧକ୍ଷ ମୁକେଶ କୁମାର ଜୈନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଏହି ଦିନଟି ଅସତ୍ୟ ଉପରେ ସତ୍ୟର ଜୟ।ପୂର୍ବତନ ସରପଂଚ ରିଙ୍କି ସାହୁ, ଦୁର୍ଯ୍ୟୋଧନ ସାହୁ, ତିରବନ ସାହୁ, ରେଖା ଜୈନ, ଜ୍ୟୋତି ଜୈନ, ଭୁବନେଶ୍ୱର ଗହିର, ଦୁର୍ବାଦନ ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜ ମତାମତ ରଖିଥିଲେ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



**ପର୍ଯ୍ୟବେକ୍ଷକ**
PARYABEKHYAK



Bhubaneswar Thursday October 27, 2022 ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୨୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ କିସ୍ ଖେଳାଳି




ଭୁବନେଶ୍ୱର,(ପି.ଏନ): ଗୁଜରାଟରେ ନିକଟରେ ସମାପ୍ତ ହୋଇଥିବା ୩୬ତମ ଜାତୀୟ କ୍ରୀଡ଼ା ପଦକ ବିଜେତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହ ପୁରସ୍କୃତ କରାଯାଇଛି। ଗତକାଲି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସଭାପତି ଦିଲିପ ତିର୍କି ଓ କ୍ରୀଡ଼ା ସଚିବ ଆର ଭିନିଲ୍‌କ୍ରୀଷ୍ଣା ପ୍ରମୁଖ ଉପସ୍ଥିତ ରହି ସମସ୍ତ ପଦକ ବିଜେତାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ କିସ୍‌ର ଅନେକ ଛାତ୍ରୀ ରଗ୍‌ବୀ, ଖୋ ଖୋ, ଫୁଟବଲ୍ ଆଦି ବିଭାଗରେ ପଦକ ଜିତି ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ପୁରସ୍କାର ମଧ୍ୟ ହାସଲ କରିଥିଲେ। ଏଥି ପାଇଁ କିସ୍ ଛାତ୍ରୀମାନେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହିତ କରିଆସୁଛନ୍ତି। ଏଥିପାଇଁ ଓଡ଼ିଶାର ଖେଳାଳି ଏବେ ବିଭିନ୍ନ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିପାରୁଛନ୍ତି।ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ କହିଛନ୍ତି କିସ୍‌ରେ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି। ପଦକ ଓ ପୁରସ୍କାର ପାଇବା ପରେ ଆଜି କିସ୍ ଛାତ୍ରୀମାନେ ଶ୍ରୀ ସାମନ୍ତଙ୍କୁ ସାକ୍ଷାତ କରିଥିଲେ। ଶ୍ରୀ ସାମନ୍ତ କିସ୍‌ର ସଫଳ ଖେଳାଳିଙ୍କୁ ଉପଦେଶ ଦେଇ କହିଛନ୍ତି ଯେ, ପିଲାମାନେ ସେମାନଙ୍କ ନିଜ ନିଜ ଗ୍ରାମରେ ସେମାନେ ପାଇଥିବା ପୁରସ୍କାର ରାଶିରେ ଗୋଟିଏ ଲେଖାଏଁ ପକ୍‌କା ଘର କରି ବାପା ମାଆଙ୍କୁ ଉପହାର ଦେବେ। ଏହା ସହିତ କିସ୍ ତରଫରୁ ମଧ୍ୟ ଏହି ଘର ପାଇଁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଥିଲେ। ପିଲାମାନେ ମଧ୍ୟ ଶ୍ରୀ ସାମନ୍ତଙ୍କ ଉପଦେଶରେ ସହମତି ପ୍ରକାଶ କରିଛନ୍ତି।

## ବନ୍ଦର ଅଧ୍ୟକ୍ଷଙ୍କ ଦ୍ୱାରା ତିନି ରାସ୍ତା ସଫେଇ ମେସିନ୍ ଲୋକର୍ପିତ

ପାରାଦୀପ,(ପି.ଏନ): ବୁଧବାର ଦିନ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ତିନି ଗୋଟି ରାସ୍ତା ସଫେଇ ମେସିନ୍‌ର ଲୋକର୍ପଣ କରିଛନ୍ତି । ପାରାଦୀପ ଅଠରବାଙ୍କୀଠାରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ, ବିଭିନ୍ନ ବିଭାଗର ମୁଖ୍ୟଙ୍କ ଉପସ୍ଥିତିରେ ଏହି ତିନି ଗୋଟି ମେସିନ୍‌ର ଲୋକାର୍ପଣ କରିଥିଲେ । ନୂଆଦିଲ୍ଲୀର ଟିପିଏସ୍ ଇନଫ୍ରାଷ୍ଟ୍ରକଚର ଲିମିଟେଡ୍ ଦ୍ୱାରା ତିଆରି ହୋଇଥିବା ଏହି ମେସିନ୍ ଗୁଡିକ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଆଧାରରେ ପ୍ରସ୍ତୁତ ହୋଇଛି । ବନ୍ଦର ସହରର ସଡକରେ ଥିବା ଅଳିଆ ସଫା କରିବାରେ ଏହା ସହାୟକ ହେବ । କେନ୍ଦ୍ର ସରକାରଙ୍କ ୨.୦ କାର୍ଯ୍ୟକ୍ରମ ଅଧିନରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଛନ୍ତି ପାରାଦୀପ ବନ୍ଦର ପ୍ରାଧିକରଣ କର୍ତୃପକ୍ଷ । ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇଥିବା କେନ୍ଦ୍ର ସରକାରଙ୍କ ୨.୦ କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖରେ ଶେଷ ହେବ । ଏହି ସମୟ ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ଥିବା ଅଳିଆ ସଫା କରାଯାଇ ପାରାଦୀପ ସହରକୁ ସ୍ୱଚ୍ଛ ସହରରେ ପରିଣତ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି ।

## ବନ ବିଭାଗ ପକ୍ଷରୁ ଗଜସାଥିଙ୍କୁ ତାଲିମ ଏବଂ ଭିଏସ୍ଏସ୍ ଫୋରମ ବୈଠକ



କେନ୍ଦୁଝର,(ପି.ଏନ): କେନ୍ଦୁଝର ସଦର ରେଞ୍ଜ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଗଜସାଥିମାନଙ୍କୁ ତାଲିମ ଏବଂ ବନ ସୁରକ୍ଷା ଫୋରମ ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ସଦର ରେଞ୍ଜ ବିଜୟ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ରାହାସ ବିହାରୀ ବାରିକ ଯୋଗଦେଇ ଜଙ୍ଗଲ ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ କଠୋର ଆଇନ ରହିଥିଲେ ମଧ୍ୟ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦିଆଯାଇପାରୁନାହିଁ। ଜଙ୍ଗଲ ସମ୍ପଦ ହ୍ରାସ ପାଉଥିବାରୁ ହାତୀ ପଲ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ହାତୀ ଖାଉଥିବା ଗଛଲତା ଜଙ୍ଗଲରେ ବ୍ୟାପକ ମାତ୍ରାରେ ବନୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା ଯୋଗଦେଇ ଜଙ୍ଗଲ ସମ୍ପଦ ହ୍ରାସ ପାଉଥିବାରୁ ହାତୀ-ମଣିଷ ସଂଘର୍ଷ ବୃଦ୍ଧି ପାଉଥିବାବେଳେ ଏହାକୁ ରୋକିବା ନେଇ ସ୍ୱତନ୍ତ୍ର ଯୋଜନାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜଙ୍ଗଲ ହ୍ରାସ ପାଉଥିବାରୁ ପରିବେଶ ଅସନ୍ତୁଳିତ ହୋଇପଡିଛି। ଏହାଫଳରେ ଜଳବାୟୁ ପରିବର୍ତ୍ତନ ଘଟି ବ୍ୟାପକ କ୍ଷୟକ୍ଷତି ଘଟାଇବା ଚିନ୍ତାର ବିଷୟ ହୋଇଛି। ଦିନକୁ ଦିନ ଜଙ୍ଗଲ କମି କମି ଯାଉଥିବାରୁ ବହୁ ବନ୍ୟପ୍ରାଣୀ ଏବଂ ପକ୍ଷୀ ଲୋପ ପାଇବାକୁ ବସିଲେଣି। ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀ ନଷ୍ଟ ହୋଇଯାଉଥିବାରୁ ଜଙ୍ଗଲ ପାଖ ଗାଁ ମାନଙ୍କରେ ହାତୀ ପଶି ବ୍ୟାପକ ଫସଲନଷ୍ଟ କରିବା ଏବଂ ଘର ଭାଙ୍ଗିବା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହି ପରିପ୍ରେକ୍ଷୀରେ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା କିପରି କରାଯାଇପାରିବ ସେ ନେଇ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ହାତୀ ଓ ମଣିଷ ଭିତରେ କିପରି ସୁସମ୍ପର୍କ ରହିବ ସେ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡର ସଦସ୍ୟ ମାନସିଂ ଦୂର୍ଗାପ୍ରସାଦ ନାୟକ ହାତୀ ପ୍ରତି ବିପଦ ସଙ୍କୁଳ ଅବସ୍ଥାରେ ଚିହ୍ନଟ ଏବଂ ଏହାର ପ୍ରତିକାର ଉପରେ ବୁଝାଇଥିଲେ। ବିଶେଷ କରି ହାତୀର ବିଷୟରେ ଜନସାଧାରଣଙ୍କୁ ଅବଗତ କରିବାରେ କି କି ବ୍ୟବସ୍ଥା ରହିଛି ସେ ନେଇ ସୂଚନା ଦେଇଥିଲେ। ସଦର ରେଞ୍ଜ ବିଜୟ କୁମାର ମହାନ୍ତ ବନ ସୁରକ୍ଷା ସମିତିର ହାତୀ ସୁରକ୍ଷାରେ ଅବଦାନ ଏବଂ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ। ବିଶେଷ କରି ବନ ବିଭାଗ ପକ୍ଷରୁ ହାତୀ ଏବଂ ବାର୍‌ହା କ୍ଷୟକ୍ଷତି ଅଞ୍ଚଳରେ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସହ ଆବେଦନ କଲେ ସଠିକ୍ ସମୟରେ କ୍ଷତିପୂରଣ ରାଶି ଦିଆଯାଉଥିବା କହିଥିଲେ। କେନ୍ଦୁଝର ସଦର ରେଞ୍ଜ ଅଧିନ ୨୩ ଟି ବନ ସୁରକ୍ଷା ସମିତିର ସଭାପତି,ଆନିମେଟର ଏବଂ ଏହା ଅଧିନରେ ଥିବା ୧୧୫ ଜଣ ଗଜସାଥି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ତଟରକ୍ଷୀ ବାହିନୀ ଦ୍ୱାରା ୨୦ ବାଙ୍ଗଲାଦେଶୀ ମତ୍ସ୍ୟଜୀବୀ ଉଦ୍ଧାର

ପାରାଦୀପ,(ପି.ଏନ): ସାମୁଦ୍ରିକ ଝଡ ସିତ୍ରାଙ୍ଗ ପ୍ରଭାବରେ ବାଙ୍ଗଲାଦେଶର ଏକ ମାଛଧରା ବୋଟ୍ ଗଭୀର ସମୁଦ୍ର ମଧ୍ୟରେ ବୁଡିଯାଇଥିଲା । ମଙ୍ଗଳବାର ଦିନ ଖବର ପାଇ ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ ବିଜୟ, ବରଦ ଓ ଏୟାରକ୍ରାପ୍ଟ ସମୁଦ୍ର ମଧ୍ୟରେ ସନ୍ଧାନରେ ବାହାରିଥିଲେ । ସମୁଦ୍ର ମଧ୍ୟରେ ଖୋଜାଖୋଜି କରିବା ପରେ ସମୁଦ୍ର ମଧ୍ୟରେ ଏକ ମାଛଧରା ବୋଟ୍‌ର ସନ୍ଧାନ ପାଇଥିଲେ । ସେଥିରେ ୨୦ ଜଣ ବାଙ୍ଗଲାଦେଶୀ ମତ୍ସ୍ୟଜୀବୀ ଥିଲେ । ସାମୁଦ୍ରିକ ଝଡର ପ୍ରଭାବରେ ସେମାନଙ୍କ ବୋଟ୍ ବୁଡିଯାଇଥିଲା ଏବଂ ତଟରକ୍ଷୀ ବାହିନୀ ସେମାନଙ୍କୁ ଉଦ୍ଧାର କରିଥିବା ସୂଚନା ଦେଇଛି ତଟରକ୍ଷୀ ବାହନୀ । ଦୁଇ ଦେଶର ଚୁକ୍ତିନାମା ଅନୁଯାୟୀ ସେମାନଙ୍କୁ ବାଙ୍ଗଲାଦେଶ ତଟରକ୍ଷୀ ବାହିନୀକୁ ଖୁବ୍ ଶୀଘ୍ର ହସ୍ତାନ୍ତରିତ କରାଯିବ ବୋଲି ପ୍ରେସ୍ ଇସ୍ତାହାରରୁ ଜଣାପଡିଛି ।

## ଆନନ୍ଦପୁର ପୌରପରିଷଦରେ ତାଲା ପକେଇଲେ ନିର୍ବାଚିତ ପ୍ରତିନିଧି

ଆନନ୍ଦପୁର,(ପି.ଏନ): ଜିଲ୍ଲା ପ୍ରଶାସନ ଆନନ୍ଦପୁର ପୌରପରିଷଦ ପ୍ରତି ବୈମାତୃକ ମନୋଭାବ ଏବଂ ଦୀର୍ଘଦିନ ହେବ ପୌରପରିଷଦରେ ଖାଲି ପଡିଥିବା ପଦବୀ ପୂରଣ ପାଇଁ କାଉନ୍‌ସିଲରମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ବେଳେ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣରୁ ଉଠିଥିଲେ । ଧାରଣାକାରୀମାନେ ଆଜି ହଠାତ୍ ଦିନ ୩ଟା ବେଳେ ଶୁଣିବାକୁ ପାଇଲେ ଯେ କମ୍ୟୁନିଟି ଅର୍ଗାନାଇଜର ଓ ଜୁନିଅର ଇଞ୍ଜିନିୟରଙ୍କ ବଦଳି ହୋଇଛି । ଖବର ପାଇ ନିର୍ବାଚିତ ଜନପ୍ରତିନିଧିମାନେ ଆନନ୍ଦପୁର ପୌରପରିଷଦର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିବା ସହିତ ଯେ ପର୍ଯ୍ୟନ୍ତ ବଦଳି ଆଦେଶକୁ ପ୍ରତ୍ୟାହାର କରାନଯାଇଛି ସେ ପର୍ଯ୍ୟନ୍ତ ପୌରପରିଷଦକୁ ବନ୍ଦ କରାଯିବ ବୋଲି ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, ସନତ କର, ରଶ୍ମିତା ବାରିକ, ସୁରେନ୍ଦ୍ର ଦାସ, ସମ୍ବିତ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି । ପୌରପରିଷଦର ମୁଖ୍ୟ ଫାଟକ ବନ୍ଦ ଥିବା ଯୋଗୁଁ ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ କିଛି କର୍ମଚାରୀ ଭିତରେ ରହିଥିବା ବେଳେ ଆଉ କିଛି କର୍ମଚାରୀ ଫାଟକ ବାହାରେ ଦେଖିବାକୁ ମିଳିଥିଲା ।

## ନହବେଡା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର,(ପି.ଏନ):ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନହବେଡା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଅଧିନରେ ଥିବା ୧୩ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସିଆରସିସି କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିସଭ୍ୟ ବସନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହଳଧର ମହାନ୍ତ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କଳ୍ପଲତା ଦେହୁରୀ ଓ ସହକାରୀ ଶିକ୍ଷକ ଜନ୍ମେଜୟ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ଓ କନିଷ୍ଠ ବିଭାଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ତର୍କ, କୁଇଜ୍, ପ୍ରବନ୍ଧ ଲିଖନ, ନୃତ୍ୟ, ସଙ୍ଗୀତ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ବ୍ଲକ ସ୍ତରକୁ ମନୋନୀତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧିନସ୍ଥ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ସହଯୋଗ କରିଥିବା ବେଳେ ଟଙ୍କଧର ନାଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ସ୍ଥିତ ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟରେ ଆଂଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କେଶଦୁରାପାଳ, ବାଲିପାଳଷ ବରିପାଳ, ନାରଙ୍ଗପୁର ଓ ମଙ୍ଗଳପୁର ଅଂଚଳର ୧୫ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଘଷିପୁରା ବ୍ଲକର ସିଆରସିସି ସୁକାନ୍ତ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଶଳେଶ୍ୱର ଆଂଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ. ଗୋଲଖ ବିହାରୀ ଆଚାର୍ଯ୍ୟ ଯୋଗ ଦେଇଥିଲେ।

## ବାଉଁଶଗଡ ପଞ୍ଚାୟତରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଆନନ୍ଦପୁର,(ପି.ଏନ):ଗାନ୍ଧୀ ଜୟନ୍ତୀ ଠାରୁ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିବା ବେଳେ ବୁଧବାର ଦିନ ବାଉଁଶଗଡ ସରପଂଚ ସରସ୍ୱତୀ ସେଠୀ, ପଂଚାୟତ ସଭାପତି ବବି ଘଡେଇ, ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଗାହାଣଙ୍କ ନେତୃତ୍ୱରେ ଆନନ୍ଦପୁର ବ୍ଲକର ବାଉଁଶଗଡ ପଂଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ବିଜେଡି ଯୁବନେତା ତଥା ସମାଜସେବୀ ଦେବପ୍ରିୟ ପାତ୍ର, ବିଜେଡି ଜିଲ୍ଲା ଉପସଭାପତି ଭୁବନ ସେଠୀ (ପିଣ୍ଟୁ), ପୂର୍ବତନ ଜିଲ୍ଲାପରିଷଦ ସନାତନ ଦେହୁରୀ, ରାଜେନ୍ଦ୍ର ଘଡେଇ, ଅଚ୍ୟୁତ ଘଡେଇ, ରମା ଘଡେଇ, ପୂର୍ବତନ ସରପଂଚ ଦୟାନିଧି ଘଡେଇ ପ୍ରମୁଖ ଯୋଗ ଦେଇ ବିଜେଡି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ପଦଯାତ୍ରା ମାଧ୍ୟମରେ ଲୋକମାନଙ୍କ ନିକରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ । ପଦଯାତ୍ରା ସମୟରେ ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତି ଘରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ପଂଚାୟତବାସୀଙ୍କ ସେବା, ଗ୍ରାମର ଉନ୍ନତି ଓ କଲ୍ୟାଣ ନିମନ୍ତେ ନିରନ୍ତର ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ସମୂହ ଶପଥ ପାଠ କରାଯାଇଥିଲା । ପଂଚାୟତର ବହୁ ନେତା ଓ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

## MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


## କିଟ୍ ଗବେଷଣା ନିର୍ଦ୍ଦେଶକ ଆଇଏନ୍ଏସ୍ଏ ଫେଲୋ ନିର୍ବାଚିତ



ଭୁବନେଶ୍ୱର,(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟର ଗବେଷଣା ଓ ବିକାଶ ନିର୍ଦ୍ଦେଶକ ପ୍ରଫେସର ଗୋପାଳ କୁଣ୍ଡୁ ଇଣ୍ଡିଆନ୍ ନ୍ୟାସ୍‌ନାଲ୍ ସାଇନ୍‌ସ ଏକାଡେମୀ (ଆଇଏନ୍ଏସ୍ଏ)ର ଫେଲୋ ଭାବେ ନିର୍ବାଚିତ ହୋଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ନୂତନ ଔଷଧର ବିକାଶ ନିମନ୍ତେ ଗବେଷଣା, ବିଷ୍ଟ ପ୍ରୋଷ୍ଟେଟ୍, ଫୁସ୍‌ଫୁସ୍ ଓ ଚର୍ମ କର୍କଟ ତଥା କର୍କଟର ବିବିଧ ଥେରାପି କ୍ଷେତ୍ରରେ ପ୍ରଫେସର କୁଣ୍ଡୁ ଗବେଷଣା କରୁଛନ୍ତି। ପୂର୍ବରୁ ପ୍ରଫେସର କୁଣ୍ଡୁ ୨୦୦୪ରେ ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାର ଏବଂ ୨୦୦୩ରେ ନ୍ୟାସ୍‌ନାଲ୍ ବାୟୋସାଇନ୍‌ସ ପୁରସ୍କାରରେ ସମ୍ମାନୀତ ହୋଇଥିଲେ। ଏହା ବ୍ୟତୀତ ସେ ଗ୍ରାସ୍‌ରୁ ଅନ୍‌କୋଲୋଜିରେ ଅନ୍ତର୍ଜାତୀୟ ପୁରସ୍କାର ପାଇବା ସହ ଆମେରିକାର ମାୟୋ କ୍ଲିନିକ୍ ଦ୍ୱାରା ଅନ୍ତର୍ଜାତୀୟ ଯୁବ ଇନ୍‌ଭେଷ୍ଟିଗେଟର ଭାବେ ପୁରସ୍କୃତ ହୋଇଛନ୍ତି। ପ୍ରଫେସର କୁଣ୍ଡୁ ବାଙ୍ଗାଲୋରସ୍ଥିତ ଇଣ୍ଡିଆନ ଏକାଡେମୀ ଅଫ୍ ସାଇନ୍‌ସ ଏବଂ ନ୍ୟାସ୍‌ନାଲ୍ ଏକାଡେମୀ ଅଫ୍ ସାଇନ୍‌ସ, ଇଣ୍ଡିଆ (ଏନ୍ଏଏସ୍ଆଇ) ଆଲ୍ଲାହବାଦରୁ ଫେଲୋସିପ ପାଇଥିଲେ। ତାଙ୍କର ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଫେସର କୁଣ୍ଡୁଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ସଫଳତା କିଟ୍‌ରେ ବିଭିନ୍ନ କ୍ଷେତ୍ରରେ ଗବେଷଣାରତ ଗବେଷକଙ୍କୁ ଉତ୍ସାହିତ କରିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray